

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA — ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ
IAS COLLECTOR



PARUL PATAWARI

Vol.5 | Issue- 34 | January 31 to February 6, 2022, | Jagatsinghpur | Page-8 | Rs. 5/-
ବର୍ଷ-୫ | ସଂଖ୍ୟା- ୩୪ | ଜାନୁଆରୀ ୩୧ ରୁ ଫେବୃୟାରୀ ୬, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା


# ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ସୁରକ୍ଷା ଦିଅ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି)**

ଜଟଣୀ ତହସିଲଦାରଙ୍କୁ ମୋରମ ମାଫିଆଙ୍କ ଆକ୍ରମଣ ଘଟଣା ସମଗ୍ର ଖୋର୍ଦ୍ଧା ଜିଲ୍ଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଶନିବାର ରାତିରେ ବିଶେଷ ସୂତ୍ରରୁ ଖବର ପାଇ ଜଟଣୀ ତହସିଲ୍ଦାର ତପନ କୁମାର ମହାପାତ୍ର ବେଣାପାଞ୍ଚରୀ ରାଣୀପୁର ମୌଜାରେ ଚଢାଉ କରିଥିଲେ । ଚଢାଉବେଳେ ମୋରମ ମାଫିଆଙ୍କ ଆକ୍ରମଣରେ ତହସିଲ୍ଦାରଙ୍କ ନାକ ଓ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ତାଙ୍କ ଗାଡିକୁ ଭଙ୍ଗାରୁଜା କରିଥିଲେ । ଜଟଣୀ ପୋଲିସ୍ ଖବର ପାଇ ତହସିଲ୍ଦାରଙ୍କୁ ଉଦ୍ଧାର କରିଛି । ୨ଟି ମୋଟର ସାଇକେଲ୍ ଜବତ କରି ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି ପୋଲିସ୍ । ଆଗରୁ ମଧ୍ୟ ତହସିଲ୍ଦାର ତପନ ମହାପାତ୍ର, ବାଲି ମାଫିଆ ଓ ପଥର ମାଫିଆଙ୍କ ଏକାଧିକବାର ଶୀକାର ହୋଇଛନ୍ତି ।

ସୂଚନା ଥାଉକି ଓଏମ୍ସି-୫୧ ଅନୁସାରେ ବେନିୟମ୍ ଭାବେ ସରକାରୀ ଜମିରୁ ଉତ୍ତୋଳିତ ଲୌହ ଖଣିଜର ପରିମାଣକୁ ମାପି ଉକ୍ତ ଖଣିଜ ସଂପତ୍ତିର ଚୋରି ମୂଲ୍ୟ ବାବଦରେ ବେଆଇନ୍ ଉତ୍ତୋଳନକାରୀଙ୍କ ଠାରୁ ଧାର୍ଯ୍ୟ ମୂଲ୍ୟ ଆଦାୟ କରାଯିବା ସହିତ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୨ ବର୍ଷ ଜେଲ୍ ଦଣ୍ଡ ଓ ୫୦୦୦ ଟଙ୍କା ଜୋରିମାନା ଆଦାୟ କରାଯିବ । ସହିପରି ଜିଲ୍ଲା କୃଷି ଅଧିକାରୀ ଜିଲ୍ଲାର ସମସ୍ତ କୃଷିଜୀବୀଙ୍କ କୃଷି କ୍ଷେତର ଗସ୍ତ କରି ସେମାନେ ବ୍ୟବହାର କରୁଥିବା ପାୱାରଟିଲର ମେସିନ୍ଗୁଡିକୁ ପ୍ରତ୍ୟେକ୍ଷ ଯାଞ୍ଚ କରି ଏହା ଲୌହ ଖଣିଜ ସଂପତ୍ତି ଉତ୍ତୋଳନ ପାଇଁ ବ୍ୟବହାର ହେଉଛି କି ନାହିଁ ମତାମତ ପ୍ରଦାନ କରିବେ, ସେହି ଅନୁସାରେ ଆବଶ୍ୟକତା ପଦକ୍ଷେପ ନିଆଯିବ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ପଦକ୍ଷେପ ନେଇ



ଜିଲ୍ଲା କୃଷି ଅଧିକାରୀ ନିଜର ରିପୋର୍ଟରେ ଦର୍ଶାଇଛନ୍ତି । ପ୍ରକାଶ ଥାଉକି ଗତ ଡିସେମ୍ବର ୨୩ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମସ୍ତ ରାଜସ୍ୱ ଅଧିକାରୀ ଓ ପୋଲିସ୍ ଅଧିକାରୀମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା । ଯେଉଁ ସଭାରେ କି ଖୋର୍ଦ୍ଧା ଜିଲ୍ଲାର ଲଘୁଖଣିଜ ସୁରକ୍ଷା ଉପରେ ବିସଦ୍ ଆଲୋଚନା କରାଯାଇ ଲଘୁ ଖଣିଜର ସୁରକ୍ଷା ଦିଗରେ ନିରାକରଣ ସ୍ୱରୂପ ନିମ୍ନଲିଖିତ ପ୍ରସ୍ତାବମାନ ଗୃହିତ ହୋଇଥିଲା । ଖୋର୍ଦ୍ଧା ଜିଲ୍ଲାର କୌଣସି ସ୍ଥାନରେ ଲଘୁଖଣିଜ ସମ୍ପଦର ଚୋରା ଚାଲାଣ ପ୍ରଶାସନର ଦୃଷ୍ଟିକୁ ଆସିଲେ, ସରକାରଙ୍କ ଦ୍ୱାରା ପ୍ରଣିତ ଆଇନ୍ ଅନୁସାରେ ଚୋରା ଚାଲାଣରେ ଜଡିତ ଥିବା ଯାନବାହାନ ଉପରେ ତହସିଲ୍ଦାର ଟାଙ୍ଗୀ ଓ ତହସିଲ୍ଦାର ଖୋର୍ଦ୍ଧାଙ୍କ ନେତୃତ୍ୱରେ ଗଠିତ ହୋଇଥିବା ସ୍ୱତନ୍ତ୍ର ଦୁଇଟି ଟିମ୍ ଦ୍ୱାରା ଚଢାଉ କରାଯାଇ ଉକ୍ତ ଯାନବାହାନ ଜବତ କରାଯିବା ସଙ୍ଗେ ସଙ୍ଗେ ଜବତ ହୋଇଥିବା ଯାନବାହାନର ମାଲିକଙ୍କ ଉପରେ ପ୍ରମୁଖ ଦଣ୍ଡ ବିଧାନ କରାଯାଇଆସୁଛି । ଚୋରି ଓ ଲୁଟ୍ କରୁଥିବାରୁ ଆଇନ୍ ଅନୁଯାୟୀ ଦଣ୍ଡବିଧାନ ତଥା ଗାଡିଗୁଡିକର ରେଜିଷ୍ଟ୍ରେସନ୍ ବାତିଲ୍ ଓ ବାଜ୍ୟାପ୍ତି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି । ଅତୀତରେ କୌଣସି ଜିଲ୍ଲାପାଳଙ୍କ ଦ୍ୱାରା ଏପରି ନିୟମ କଡାକଡି କରାଯାଇନଥିବା ବେଳେ ବର୍ତ୍ତମାନର ଜିଲ୍ଲାପାଳ ଶ୍ରୀ ମହାପାତ୍ରଙ୍କ ଯୋଗୁଁ ଖଣି ମାଫିଆ, ମୋରମ ମାଫିଆ ଉଦ୍କ୍ଷୀପ୍ତ ହୋଇ ତହସିଲ୍ଦାରଙ୍କୁ ଗୋଟିଏ ପରେ ଗୋଟିଏ ଆକ୍ରମଣ କରିବା ଆରମ୍ଭ କରିଛନ୍ତି । ଆଗାମୀ ଦିନରେ ଏହି ଚୋରା ମାଫିଆମାନେ ଜିଲ୍ଲାପାଳ ଶ୍ରୀ ମହାପାତ୍ରଙ୍କ ଉପରେ କୌଣସି ଦୁଃସାହାସିକ ପଦକ୍ଷେପ ନେବା ଅସମ୍ଭବ ହୋଇନପାରେ ବୋଲି ଛକବଜାରରେ ଆଲୋଚନା ହେଉଛି । ଖୋର୍ଦ୍ଧା ଜିଲ୍ଲାରେ ଚୋରା ମାଫିଆମାନଙ୍କୁ ଜବତ କରିବା ପୂର୍ବରୁ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲାପାଳ ଓ ରାଜସ୍ୱ ଅଧିକାରୀମାନଙ୍କୁ ତୁରନ୍ତ ସୁରକ୍ଷା ଦିଆଯିବା ଉଚିତ୍ ବୋଲି ସାଧାରଣରେ ଓ ବୁଦ୍ଧିଜୀବୀ ମହଲରେ ମତବ୍ୟକ୍ତ କରାଯାଉଥିବା ଲକ୍ଷ୍ୟ କରାଯାଉଛି ।

## କୋର୍ଟର ୧-ସିସି କେସ୍ ଜଗତସିଂହପୁର ଥାନାରେ ନୋ-ଆକ୍ସନ

### ରେଲ୍ୱେ ଚାକିରୀ ନାଁରେ ଲକ୍ଷେ ୪ହଜାର ଠକେଇ

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ରେଲ୍ୱେରେ ଚାକିରୀ କରାଇଦେବାକୁ କହି ୧ ଲକ୍ଷ ୪ହଜାର ଟଙ୍କା ଚୂନ ଲଗାଇଦେଇଛନ୍ତି ଜଗତସିଂହପୁରର ଯୁବକ ନିଗମାନନ୍ଦ ମହାନ୍ତିଙ୍କୁ । ନିଗମାନନ୍ଦଙ୍କ ଘର ଗ୍ରାମ-ସିଙ୍ଗିପୁର, ପୋ-ବାଇଜଙ୍ଗା, ଥାନା/ଜିଲ୍ଲା-ଜଗତସିଂହପୁର ତାଙ୍କ ପିତାଙ୍କ ନାମ ଗୌରାଙ୍ଗ ଚରଣ ମହାନ୍ତି ବୋଲି **"ସଂପର୍କବାର୍ତ୍ତା।"** କାର୍ଯ୍ୟାଳୟକୁ ଅଭିଯୋଗ ପଠାଇଛନ୍ତି । ଏଥିସହ ଜଗତସିଂହପୁର ଏସ୍ପିଙ୍କୁ ଏହି ଟଙ୍କା ଠକେଇ ସଂକ୍ରାନ୍ତରେ ଜଣାଇଥିବା ଉଲ୍ଲେଖ କରିଛନ୍ତି । ଏତଦ୍ବ୍ୟତିତ ଅଦାଲତରେ ମଧ୍ୟ ୧-ସିସି କେସ୍ କରି ଜଗତସିଂହପୁର ଥାନାକୁ ପଠାଇଛନ୍ତି । ପୋଲିସ୍ ଏ ସଂକ୍ରାନ୍ତରେ ମଧ୍ୟ ୧୦.୧୨.୨୦୨୦ ତାରିଖରେ ଥାନାରେ ରେଜିଷ୍ଟ୍ରେସନ୍ କରିଛନ୍ତି । ହେଲେ ପ୍ରାୟ ୧ ବର୍ଷରୁ ଉର୍ଦ୍ଧ୍ୱ ହେବ ପୋଲିସ୍ ସଂପୃକ୍ତ ଯୁବକ/ଅଭିଯୋଗକାରୀଙ୍କୁ ନ୍ୟାୟ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରିଆସୁଛନ୍ତି । ଠକି ନେଇଥିବା ବ୍ୟକ୍ତି ଜଣକ ରାଉରକେଲାର ବାସନ୍ତି କଲୋନୀରେ ରହୁଛନ୍ତି, ହେଲେ ତାଙ୍କ ନିଜସ୍ୱ ଗ୍ରାମ ଢେଙ୍କାନାଳ ଜିଲ୍ଲା ବଳରାମପୁର ଅଞ୍ଚଳରେ ବୋଲି ଉଲ୍ଲେଖ କରାଯାଇଛି । ଏଠାରେ ପ୍ରଶ୍ନ ଉଠୁଛି ଯୁବକ ଜଣକ ନ୍ୟାୟ ପାଇବେ କିପରି ? ଥାନାରୁ ନ୍ୟାୟ ନପାଇ ବାଧ୍ୟ ହୋଇ କୋର୍ଟର ଆଶ୍ରୟ ନେଇ ୧-ସିସି କେସ୍ କରିଥିଲେ ମଧ୍ୟ ନ୍ୟାୟ ମଧ୍ୟ ପାଇପାରୁନାହାଁନ୍ତି ବୋଲି ଅଭିଯୋଗ କରିଛନ୍ତି । ଦେଖିବାର ଅଛି କେବେ ସେ ଯୁବକଙ୍କୁ ଜଗତସିଂହପୁର ପୋଲିସ୍ ନ୍ୟାୟ ଦେଉଛି ବୋଲି ସାଧାରଣରେ ଆଲୋଚନା ହେଉଛି ।

## ନିର୍ବାଚନରେ ନିରପେକ୍ଷ ରୁହ, ନଚେତ୍ ଚାକିରି ଯିବ:ମୁଖ୍ୟ ସଚିବ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ରାଜନୀତିକ ଦଳ ଓ ପ୍ରାର୍ଥିମାନେ ନିଜର ପ୍ରଚାର କାର୍ଯ୍ୟ ଜୋରଦାର କରୁଥିବା ବେଳେ ସରକାରୀ ଓ ସ୍ୱାୟତ୍ତ ସଂସ୍ଥାର କର୍ମଚାରୀମାନଙ୍କୁ ନିର୍ବାଚନରେ ନିରପେକ୍ଷ ରହିବାକୁ ମୁଖ୍ୟ ସଚିବ ପରାମର୍ଶ ଦେଇଛନ୍ତି । ନଚେତ୍ ଓଡିଶା ଗ୍ରାମ ପଂଚାୟତ ଆଇନ- ୧୯୬୪ର ଧାରା ଅନୁସାରେ ଚାକିରି ହରାଇବାକୁ ପଡିବ ବୋଲି ସତର୍କ କରାଇଛନ୍ତି । ମୁଖ୍ୟ ସଚିବ ସୁରେଶ ମହାପାତ୍ର ରାଜ୍ୟ ପୁଲିସ ଡିଜି, ସମସ୍ତ ବିଭାଗର ସଚିବ, ଆରଡିସି ଓ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ରାଜ୍ୟରେ କାର୍ଯ୍ୟରତ ସରକାରୀ କର୍ମଚାରୀ, ବିଭିନ୍ନ ଉଦ୍ୟୋଗ, ନିଗମ ସ୍ୱାୟତ୍ତ ସଂସ୍ଥା ସମବାୟ ସଂସ୍ଥାର କର୍ମଚାରୀମାନେ ଯେଭଳି ପଂଚାୟତ ନିର୍ବାଚନରେ ନିରପେକ୍ଷ ସେଥିପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ କହିଛନ୍ତି । ଏହାସହିତ ଏଭଳି ଅଭିଯୋଗ ଆସିଲେ ପୁଲିସ ତୁରନ୍ତ ଆଇପିସିର (ପୃଷ୍ଠା-୨)



## ପୋଲିସ୍ ନାଁରେ ଜଗତସିଂହପୁର ସାମ୍ବାଦିକଙ୍କ ଟାଉଟରି !

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି)**

ଜଗତସିଂହପୁରର ନିର୍ଦ୍ଦିଷ୍ଟ କେତେକ ସାମ୍ବାଦିକ ପୋଲିସ୍ ସହିତ ସଂପର୍କ ରଖି ତାଙ୍କ ନାଁରେ ଟଙ୍କା ଆଦାୟ ଟାଉଟରି ଚର୍ଚ୍ଚାର ବିଷୟ ହୋଇଛି । ନିଗମାନନ୍ଦ ମହାନ୍ତିଙ୍କ ଠାରୁ ୨ ହଜାର ଟଙ୍କା ଆଣି ଉପରୋକ୍ତ ତଥା "କୋର୍ଟରେ ୧-ସିସି କେସ୍ ଜଗତସିଂହପୁର ଥାନାରେ, ନୋ ଆକ୍ସନ" ବାବଦରେ ନିର୍ଦ୍ଦିଷ୍ଟ ସାମ୍ବାଦିକ ଟଙ୍କା ଆଣିବା ଚର୍ଚ୍ଚାର ବିଷୟ ବୋଲି ଜଣାପଡିଛି । ଟଙ୍କା ୨ହଜାର ଦିଅ, ଥାନାରେ କିପରି ଆକ୍ସନ ହେବ ସେ ବନ୍ଦୋବସ୍ତ କରିଦେବି ବୋଲି କହି ସଂପୃକ୍ତ ସାମ୍ବାଦିକ ଆଉ ଧରାଛୁଆଁ ଦେଉନଥିବା ନେଇ ନିଗମାନନ୍ଦ ମହାନ୍ତି ତାଙ୍କ ମୋବାଇଲ୍ ନଂ-୯୩୪୮୦୦୩୮୫୦ରେ "ସଂପର୍କବାର୍ତ୍ତା।" କାର୍ଯ୍ୟାଳୟକୁ ଜଣାଇଛନ୍ତି । ଜଗତସିଂହପୁର ଥାନା ଛକରେ ଅନେକ ସାମ୍ବାଦିକ ସେମାନଙ୍କର ବୃତ୍ତିକୁ ନେଇ ସେଠାରେ ବସାବସି କରୁଛନ୍ତି ସତ, ହେଲେ ନିର୍ଦ୍ଦିଷ୍ଟ ୨/୩ଜଣ ସାମ୍ବାଦିକ ବିଭିନ୍ନ ଲୋକଙ୍କଠାରୁ ଚାନ୍ଦା ଆଦାୟ କରି ସାଧାରଣ, ଗରୀବ ଓ ଅସହାୟ ଲୋକଙ୍କୁ ମାନସିକ ଯନ୍ତ୍ରଣା ଦେଉଥିବା ନେଇ ପୂର୍ବରୁ ଅନେକବାର ଖବର ପ୍ରକାଶ ପାଇଛି । ସଂପୃକ୍ତ ସାମ୍ବାଦିକ ଜଣକ ଖବର ପ୍ରକାଶ ପରେ ପରେ କିଛି ଲୋକଙ୍କ ଟଙ୍କା ଫେରାଇଥିବା ନେଇ ଶୁଣାଯାଉଛି । କିନ୍ତୁ ପୋଲିସ୍ ଦ୍ୱାରା କାମ କରାଇଦେବା ପାଇଁ ନିଗମାନନ୍ଦଙ୍କଠାରୁ ୨ ହଜାର ଟଙ୍କା ଆଣିବା ଦୁଃଖର ଘଟଣା ବୋଲି କୁହାଯାଉଛି । ଲକ୍ଷେ ୪ ହଜାର ଟଙ୍କା ଦେଇ ଚାକିରୀ ଲାଳସାରେ ମାନସିକ ଯନ୍ତ୍ରଣାରେ ଥିବା ବେଳେ ସେ ସମୟରେ କଟା ଘା'ରେ ଚୂନ ଦେବା ଭଳି ସାମ୍ବାଦିକ ୨ ହଜାର ଟଙ୍କା ଆଣିବା ଏବଂ ପୋଲିସ୍ ଦ୍ୱାରା କାମ କରାଇଦେବାକୁ କହିବା ଓ ପରେ ଧରାଛୁଆଁ ନ ଦେବା ଏମାନଙ୍କୁ ଟାଉଟରିଆ ସାମ୍ବାଦିକ କୁହାଯିବନି ତ କ'ଣ ବୋଲି ସାଧାରଣରେ ପ୍ରଶ୍ନ କରାଯାଉଛି । ସଂପୃକ୍ତ ସାମ୍ବାଦିକଙ୍କ ନାମରେ ଏହିପରି ୧୦/୧୨ଟି ଅଭିଯୋଗ ସତ୍ତ୍ୱେ କୌଣସି ଆକ୍ସନ ପୋଲିସ୍ ପକ୍ଷରୁ ନିଆ ନଯାଉଥିବା ଯୋଗୁଁ ସଂପୃକ୍ତ ସାମ୍ବାଦିକ ଜଣକ ଏପରି କାର୍ଯ୍ୟ ବାରମ୍ବାର କରି ଲୋକଙ୍କୁ ହଇରାଣ ହରକତ କରୁଥିଲେ ମଧ୍ୟ ପୋଲିସ୍ ନୀରବ ରହିବା ଦୁଃଖର ଘଟଣା ବୋଲି ସାଧାରଣରେ ଅଭିଯୋଗ ହେଉଛି ।

## ମୁଖ୍ୟ ପ୍ରଶାସକଙ୍କୁ ଛାଡିବାକୁ ସେବାୟତ ନାରାଜ

**ପୁରୀ(ସଂପର୍କବାର୍ତ୍ତା):-** ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପଦରୁ ଡ.କ୍ରିଷନ କୁମାରଙ୍କ ବଦଳି ହେଉଥିବା ଚର୍ଚ୍ଚା ହେଉଛି । ଖୁବ୍ଶୀଘ୍ର ତାଙ୍କ ସ୍ଥାନରେ ଜଣେ ନୂଆ ମୁଖ୍ୟ ପ୍ରଶାସକଙ୍କୁ ଦାୟିତ୍ୱ ଦିଆଯିବ ବୋଲି ଆଲୋଚନା ଚାଲିଛି । ତେବେ କ୍ରିଷନ କୁମାରଙ୍କୁ ଶ୍ରୀମନ୍ଦିର ସେବାୟତମାନେ ଛାଡିବାକୁ ନାରାଜ । ଶୁକ୍ରବାର ଭର୍ଚୁଆଲ୍ରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକ ଶେଷରେ କିଛି ସେବାୟତ ଏହି ପ୍ରସଙ୍ଗ ଉଠାଇଥିଲେ ।

ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ କହିଥିଲେ ଆପଣ ଯାଆନ୍ତୁ ନାହିଁ । ଆପଣ ମୁଖ୍ୟ ପ୍ରଶାସକ ହୋଇ ରହିଥାଆନ୍ତୁ ବୋଲି କହିଥିଲେ । ତେବେ ମୁଖ୍ୟ ପ୍ରଶାସକ କହିଥିଲେ ମୁଁ ସବୁବେଳେ ଆପଣମାନଙ୍କ ସହିତ ଅଛି । ଆପଣଙ୍କ ସ୍ନେହ ଓ ଭଲପାଇବା ମୋ ଜୀବନର ପୁଞ୍ଜି । ସୂଚନାଯୋଗ୍ୟ କି କରୋନା ମହାମାରୀ ସମୟରେ ଦୁଇଟି ରଥଯାତ୍ରାର ସୁପରିଚାଳନା, ସେବାୟତଙ୍କ ସହ ବର୍ଷାରେ ଭିଜି ଗୀତ ଗାଇବା, ମହାପ୍ରଭୁଙ୍କ ନୀତିକାନ୍ତି ଓ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ସହ ଶ୍ରୀମନ୍ଦିର ପାଇଁ ସର୍ବାଧିକ ଦାନ ସଂଗ୍ରହରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛନ୍ତି କ୍ରିଷନ୍ କୁମାର ।



## କେନ୍ଦ୍ରମନ୍ତ୍ରୀଙ୍କୁ କରାଯିବ ଜେରା !

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ପାଇଁ ଅଡୁଆ ବଢିଯାଇଛି । ମନ୍ତ୍ରୀଙ୍କ ବିରୁଦ୍ଧରେ ଠୋସ୍ ପ୍ରମାଣ ମିଳିଲେ ତାଙ୍କୁ ଜେରାର ସମ୍ମୁଖୀନ ହେବାକୁ ପଡିପାରେ । ତେବେ ତଦନ୍ତ ପାଇଁ ପୋଲିସ୍ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବା ବେଳେ ଅତିରିକ୍ତ ଏସ୍ପି, ସଦର ଏସ୍ଡିପିଓ ଓ ଟାଉନଥାନା ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି । ତେବେ ଦୁଇ ଅଭିଯୋଗକାରୀଙ୍କ ବ୍ୟତିତ ପ୍ରତ୍ୟେକ୍ଷଦର୍ଶୀ ନଥିବାରୁ ତଦନ୍ତକାରୀ ଟିମ୍ ସାଇଣ୍ଟିଫିକ୍ ଟିମ୍ର ସହାୟତା ନେଇଛି । ତେବେ ଘଟଣାସ୍ଥଳରୁ ସାଇଣ୍ଟିଫିକ୍ ଟିମ୍ ତଥ୍ୟ ସଂଗ୍ରହ କରିବା ସହ ଭାଇରାଲ୍ ଓଡିଓ ମନ୍ତ୍ରୀଙ୍କର କି ନୁହେଁ ତାହା ତଦନ୍ତ ପାଇଁ ପରୀକ୍ଷଣ କେନ୍ଦ୍ରକୁ ପଠାଇଛି । ଟୁଡୁ ଜଣେ କେନ୍ଦ୍ରମନ୍ତ୍ରୀ ହୋଇଥିବାରୁ ସମସ୍ତ ନିୟମକୁ



ଆଧାର କରି ଏ ନେଇ ଲୋକସଭା ବାଚସ୍ପତିଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି । ଯଦି ଉପଯୁକ୍ତ ପ୍ରମାଣ ମିଳେ ତେବେ ମନ୍ତ୍ରୀଙ୍କୁ ଜେରା କରାଯିବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୨୧ ତାରିଖରେ କେନ୍ଦ୍ରମନ୍ତ୍ରୀ ଟୁଡୁ ୨ ଜଣ ସରକାରୀ କର୍ମଚାରୀଙ୍କୁ ଚୌକିରେ ମାଡ ମାରିଥିବା ଅଭିଯୋଗ ହୋଇଥିଲା ।

## ପ୍ରସାଦ କାନ୍ଦିଲେ, ସରମ ନାହିଁ କଂଗ୍ରେସିଆଙ୍କୁ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଚଳିତ ପଂଚାୟତ ନିର୍ବାଚନରେ ସତ୍ୟବାଦୀରେ କଂଗ୍ରେସ କୌଣସି ଜିଲ୍ଲା ପରିଷଦ ପ୍ରାର୍ଥୀ ଦେଇଥିବା ବେଳେ ଏଥିପାଇଁ ସ୍ଥାନୀୟ ନେତା ତଥା ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ ଦାୟୀ ଚାର୍ଜ ହେଉଥିଲା ସେନେଇ ସାମ୍ବାଦିକ ସମ୍ମିଳନୀରେ ମୁହଁ ଖୋଲଛନ୍ତି ପ୍ରସାଦ ହରିଚନ୍ଦନ । ପ୍ରସାଦ କହିଛନ୍ତି, ସତ୍ୟବାଦୀକୁ ନେଇ ଗଣମାଧ୍ୟମରେ ଅନେକ ତ୍ରୁଟିପୂର୍ଣ୍ଣ ତଥ୍ୟ ଦିଆଯାଇଛି । କିନ୍ତୁ ପ୍ରକୃତ କଥା ହେଲା ଶେଷ ମୁହୂର୍ତ୍ତରେ ମୋତେ ପଂଚାୟତ ନିର୍ବାଚନ ପାଇଁ ଟିକେଟ ମିଳିଥିଲା ମୁଁ ନର୍ବାଚନ ମଣ୍ଡଳୀ ଦାୟିତ୍ୱ ବୁଝୁନଥିବାରୁ ମନା କଲି । ଟିକେଟ କାହାକୁ ମିଳିବ କି ନାହିଁ ତାହାର ଦାୟିତ୍ୱ



ପିସିସି ସଭାପତିଙ୍କର । ଦାୟିତ୍ୱ ଦିଆଯାଏ । କାହା ଉପରେ ଲଦି ଦିଆଯାଏନି ସତ୍ୟବାଦୀରେ ୧୯୯୫ମସହାରୁ ଆମେ ଭଲ ପ୍ରଦର୍ଶନ କରି ଆସିଛୁ । ଏହାଛଡା ପ୍ରସାଦ କହିଛନ୍ତି, ମୁଁ ରାଜନୀତିରେ ଥିଲି , ଅଛି ଓ ରହିବି ମଧ୍ୟ । କିନ୍ତୁ ୨୦୨୪ନିର୍ବାଚନ ଲଢିବି ନାହିଁ । ଯେଉଁମାନେ କହୁଥିଲେ ମୁଁ ବିଜେଡି ସମ୍ପର୍କରେ ଅଛି ସେମାନେ ପ୍ରମାଣ ଦିଅନ୍ତୁ । ମୋ ଘର ହୋଉଛି କଂଗ୍ରେସ, ଏଠାରେ ଅଛି, ରହିବି । ଦଳପାଇଁ କାମ କରିବି । ମୁଁ କାହା ସହ ଡିଲ୍ କରିନି କି ମୋ ନାଁରେ କୌଣସି କି ମୋ ନାଁରେ କୌଣସି ଦୁର୍ନୀତି ଅଭିଯୋଗ ନାହିଁ । ୨୦୦୨ରୁ ମୋତେ ଅନ୍ୟ ଦଳକୁ ନେବାକୁ ଚେଷ୍ଟା କରାଯାଇଛି କିନ୍ତୁ ମୁଁ ଯାଇନାହିଁ । ଏଠାରେ କଂଗ୍ରେସର ଲଢେଇ ବିଜେପି ଓ ବିଜେଡି ଓ ସହ ହେବା କଥା କନ୍ତୁ ଏଠାରେ ଲଢେଇ କଂଗ୍ରେସର କଂଗ୍ରେସ ସହ ହେଉଛି । ଓଡିଶାରେ କଂଗ୍ରେସକୁ ଆଗକୁ ନେବାକୁ ହେଲେ ଏକଜୁଟ ହୋଇ ଲଢିବାକୁ ପଡିବ । ମୁଁ ଏଯାଏଁ ଅସ୍ତ୍ର ତ୍ୟାଗ କରିନି । ନିର୍ବାଚନ ଲଢିବିନ କିନ୍ତୁ ଦଳ ପାଇଁ କାମ କରିବି । ମୋପାଖରେ ବହୁ ନେତାଙ୍କର ଦସ୍ତାବିଜ ଅଛି, ନିର୍ବାଚନ ପରେ ସେମାନଙ୍କ ଗୁମର ଖୋଲିବି । କିଛି ଏଭଳି କହି ପ୍ରସାଦ ନିଜର ଆଗାମୀ ରାଜନୈତିକ କ୍ୟାରିୟର ବାବଦରେ ସ୍ପଷ୍ଟ କରିଛନ୍ତି ।

## କଟକର ସବୁଠି ଅପମିଶ୍ରିତ ଖାଦ୍ୟ !

**କଟକ(ସଂପର୍କବାର୍ତ୍ତା):-** କଟକ ମହାନଗର ନିଗମ(ସିଏମ୍ସି) ଅଞ୍ଚଳରେ ଶତାଧିକ ଖାଦ୍ୟ ଦୋକାନ ଗଢ଼ି ଉଠିଛି । ରାସ୍ତାକଡ଼ ଉଠା ଦୋକାନଠାରୁ ଆରମ୍ଭ କରି ନାଳ ଉପରେ ଜବରଦଖଲ କରାଯାଇ ଖାଦ୍ୟ ପସରା ମେଲୁଛି । ବିନା ଲାଇସେନ୍ସ ଓ ପଞ୍ଜିକରଣରେ ଶହଶହ ଦୋକାନ ଗଢ଼ି ଉଠୁଥିଲାବେଳେ ନିଗମ କର୍ତ୍ତୃପକ୍ଷ ନିଦାବିଷ୍ଟୁ ପାଳଟିଛନ୍ତି । ଫଳରେ ବାସି ଓ ଅପମିଶ୍ରଣ ଖାଦ୍ୟ ଖାଇ ଲୋକେ ଅସୁସ୍ଥ ହେଉଛନ୍ତି । ସହରରେ ଖଶଦ୍ୟ ସୁରକ୍ଷା ଓ ମାନ ନିୟମ ଏକପ୍ରକାର ପ୍ରହସନରେ ପରିଣତ ହୋଇଛି । ନିଗମର ତଥ୍ୟ ଅନୁଯାୟୀ ସମୁଦାୟ



୪୦୦ଟି ଖାଦ୍ୟଦୋକାନ ରହିଛି; କିନ୍ତୁ ବାସ୍ତବରେ ଛୋଟ ବଡ଼ ମିଶାଇ ୧ ହଜାରରୁ ଅଧିକ ହେବ ବୋଲି ଆକଳନ କରାଯାଉଛି । ଖାଦ୍ୟ ମାନ ଯାଞ୍ଚ କରୁଥିବା ଦଳ ଓ କାଦ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ସହିତ ସଂପର୍କ ମଜଭୁତଥିବାରୁ ସହରରେ କେବଳ ଲୋକ ଦେଖାଣିଆ ଯାଞ୍ଚ କରି ଦାୟିତ୍ୱ ଶେଷ କରି ଦିଆଯାଉଛି ।

ସହରର ବିଭିନ୍ନ ସ୍ଥାନରେ ବାସି ଖାଦ୍ୟ ତଥା ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ବିକ୍ରୟ ବଢ଼ିଚାଲିଛି । ସହରରେ କେତେ ଖାଦ୍ୟ ବ୍ୟବସାୟୀ ପଞ୍ଜିକୃତ ହେଉଛନ୍ତି ଓ କେତେ ନବୀକରଣ କରୁଛନ୍ତି ତା'ର ପ୍ରକୃତ ତଥ୍ୟ ନିଗମ ନିକଟରେ ନାହିଁ । ସଂଖ୍ୟାଧିକ ହୋଟେଲ, ତେଜରାତି, ସ୍ନାକ୍ସ, ଫଳ, ମିଠା ଦୋକାନ, ଗୁପଚୁପ୍, (ପୃଷ୍ଠା-୨)


## ଯୁବତୀଙ୍କୁ ଇଞ୍ଜିନିୟରଙ୍କ ଦୁର୍ବ୍ୟବହାର

**ବାରିପଦା(ସଂପର୍କବାର୍ତ୍ତା):-** ବରିପଦାରେ ଜଣେ ଯୁବତୀଙ୍କୁ ଜଣେ ଇଞ୍ଜିନିୟର ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଅଭିଯୋଗ ଆସିଛି । ବାରିପଦା ଜୁବିଲି ପାର୍କରେ ଯୁବତୀଙ୍କୁ ମ୍ୟୁନିସିପାଲିଟି ଇଞ୍ଜିନିୟର ଏପରି ହରକତ କରିଥିବା ଅଭିଯୋଗ ହୋଇଛି । ଟିକେଟ୍ କାଉଣ୍ଟରରେ କାର୍ଯ୍ୟ କରୁଥିବା ଜଣେ ଯୁବତୀଙ୍କୁ ସଚ୍ଚିଦାନନ୍ଦ ଶତପଥୀ ନାମକ ଜଣେ ଇଞ୍ଜିନିୟର ଦୁର୍ବ୍ୟବହାର କରିଥିଲେ । ଏନେଇ ପୀଡିତା ଯୁବତୀ ଜଣଙ୍କ ଉକ୍ତ ଇଞ୍ଜିନିୟରଙ୍କ ନାମରେ ବାରିପଦା ଥାନାରେ ଏତଲା ଦାୟର କରିଛନ୍ତି । ତେବେ ଅପରପକ୍ଷେ ଯୁବତୀଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ଇଞ୍ଜିନିୟର ସଚ୍ଚିଦାନନ୍ଦ ।

ସୂଚନାଯୋଗ୍ୟ ଯେ, ରାଜ୍ୟରେ ଦିନକୁ ଦିନ ନାରୀ ନିର୍ଯ୍ୟାତନା ସହ ବିଭିନ୍ନ ଅପରାଧୀକ କାର୍ଯ୍ୟକଳାପ ବଢିବାରେ ଲାଗିଛି । ଅନେକ କ୍ଷେତ୍ରରେ ମିଥ୍ୟା ମାମଲାରେ ମଧ୍ୟ କିଛି ଲୋକ ଶୀକାର ହେଉଥିବା ଦେଖାଯାଉଛି । ତେଣୁ ପୋଲିସ୍ ଏହି ମାମଲାର ସଠିକ୍ ଭାବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

# ଭାରତ ଯାତ୍ରାକୁ ବାରଣ କଲା ଆମେରିକା, ଜାଣନ୍ତୁ କ,ଣ ଏହି ମାମଲା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଭାରତ ଆସିବନି ଆମେରିକାର କୌଣସି ଫ୍ଲାଇଟ। ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରଷ୍ଟ୍ରର ପତି ରଷ୍ଟ୍ରପତି ଜୋ ବାଇଡେନ ଏଭଳି କିଛି କଡା ନିଷ୍ପତ୍ତି ନେଇଛନ୍ତି। ଭାରତରେ ଦିନକୁ ଦନି ଦୁଷ୍କର୍ମର ମାମଲା ବଢିବାରେ ଲାଗିଛି। ଏଭଳି ସମସ୍ୟାମାନ କେବଳ ଭାରତୀବାସୀଙ୍କର ନୁହେଁ ବରଂ ଅନ୍ୟ ଦେଶମାନଙ୍କର ବି ଚିନ୍ତାର କାରଣ ପାଲଟିସାରିଲାଣି। ଆଉ ଏମିତିରେ ଏହାକୁ ଦୃଷ୍ଟିରେ ରଖି ଆମେରିକା ପ୍ରଶାସନ ଏଭଳି କିଛି ବଡ ନୁିହଁନ୍ତି। ଅନ୍ୟପଟେ ଦେଶରେ ଆତଙ୍କବାଦର ଘଟଣା ମଧ କମିବାର ନାଁ




ନେଉନି।ତେବେ ଦେଶର ଏଭଳି ସମସ୍ୟାମାନ କେବଳ ଭାରତବାସୀଙ୍କର ନୁହେଁ ବରଂ ଅନ୍ୟ ଦେଶମାନଙ୍କର ବି ଚିନ୍ତାର କାରଣ ପାଲଟିସାରିଲାଣି। ଆଉ ଏମିତିରେ ଏହାକୁ ଦୃଷ୍ଟିରେ ରଖି ଆମେରିକା ପ୍ରଶାସନ ଏଭଳି କିଛି ବଡ ନିଷ୍ପତ୍ତି ନେବାକୁ ବାଧ ହୋଇଛନ୍ତି। ଆମେରିକାର ଜୋ ବାଇଡେନ ପ୍ରଶାସନ ଏହାର ନାଗରିକମାନଙ୍କୁ ଜମ୍ମୁ-କଶ୍ମୀରରେ କରୋନା, ବଳାତ୍କାର ଏବଂ ଆତଙ୍କବାଦ ଘଟଣା ବୃଦ୍ଧି ପାଉଥିବାକୁ ଦୃଷ୍ଟି ରେ ରଖି ଭାରତକୁ ରଖି ଭାରତକୁ ଯାତ୍ର କରିବା ନେଇ ମନା କରିଛନ୍ତି। ଆହୁରି ପୁଣି ଭାରତ ଯାତ୍ରାରେ ଉପରେ ପୁନର୍ବିଚାର କରିବାକୁ ସରକାରଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

# ପିତାଙ୍କ ପରଲୋକ ହେବାର ପରିଦିନ ନିର୍ବାଚନ ଡ୍ୟୁଟିକୁ ଫେରିଥିଲେ ଆଏଏସ୍ ଅଧିକାରୀ

**ହାଓଡା(ସଂପର୍କବାର୍ତ୍ତା):-** ଜାନୁଆରୀ ୨୭ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସମୟରେ ଉଦାହରଣ ସୃଷ୍ଟି କରିଥିବା ଆଇଏଏସ୍ ଅଧିକାରୀ ମୁକ୍ତା ଆର୍ଯ୍ୟଙ୍କୁ ନିର୍ବାଚନ ଆୟୋଗ ସମ୍ମାନିତ

**ନିର୍ବାଚନ ଆୟେଗ କଲେ ସମ୍ମାନିତ**

କରିଛନ୍ତି। ସେ ନିଜର ପିତାଙ୍କ ପରଲୋକ ହେବାର ପରବର୍ତ୍ତୀ ଦିନରେ ନିର୍ବାଚନ ଡ୍ୟୁଟିରେ ଯୋଗ ଦେଇଥିଲେ। ଶାନ୍ତିପୂର୍ଣ୍ଣ ଓ ବ୍ୟବସ୍ଥିତ ଭାବେ ମତଦାନ ହେବ ବୋଲି ଆଇଏଏସ୍ ଅଧିକାରୀ ପରିବାରର ଅସୁବିଧା ସମୟରେ ଛୁଟିରେ ରହି ନଥିଲେ।

ତତ୍କାଳୀନ ମୁଖ୍ୟ ଶାସନ ସଚିବ ଅଲପନ ବନ୍ଦୋପାଧ୍ୟାୟ ମଧ ମୁକ୍ତାଙ୍କର ଏହି ସାହସିକ



ପଦକ୍ଷେପକୁ ପ୍ରଶଂସା କରିଥିଲେ। ମୁକ୍ତା ଆର୍ଯ୍ୟ ସେହି ସମୟରେ ହାଓଡାର ଡିଏମ୍ ତଥା ଜିଲ୍ଲା ନର୍ବାଚନ ଅଧିକାରୀ ଥିଲେ। ପଶ୍ଚମବଙ୍ଗରେ ଗତବର୍ଷ ବିଧାନସଭା ନିର୍ବାଚନ ହୋଇଥିଲା ମତଦାନର ଗୋଟିଏ ରାତି ପୂର୍ବରୁ ମୁକ୍ତାଙ୍କ ବାପାଙ୍କର ପରଲୋକ ହୋଇଥିଲା ଆଇଏଏସ୍ ଅଧିକାରୀ ମତଦାନ ହେବା ପର୍ଯ୍ୟନ୍ତ ପିତାଙ୍କ ପାର୍ଥୀବ ଶରୀରକୁ ହସ୍ ପିଟାଲର ଶବଗୃହରେ ରଖିବାକୁ ନିଷ୍ପତ୍ତି ନେଇଥିଲେ। ମୁକ୍ତା ଆର୍ଯ୍ୟ ସେହି ଶାସନ ସଚିବ ଅଲପନଦ ବନ୍ଦୋପାଧ୍ୟାୟ ମଧ ମୁକ୍ତାଙ୍କର ଏହି ସାହସିକ ପଦକ୍ଷେପକୁ ପ୍ରଶଂସା କରିଥିଲେ। ମୁକ୍ତା ପିତା ରାଧେଶ୍ୟାମ ଆର୍ଯ୍ୟ ଦିଲ୍ଲୀ ନିବାସୀ ଥିଲେ ଏବଂ ସେ ରଷ୍ଟ୍ରୀୟ ରାଜଧାନୀରେ ଶ୍ରମ ଆୟେଗର ଆୟୁକ୍ତ ଥିଲେ। ସେ ନିର୍ବାଚନ ପୂର୍ବରୁ ଝିଅକୁ ଭେଟିବାକୁ କୋଲକାତା ଆସିଥଲେ । ରାଜ୍ୟ ନିର୍ବାଚନ ଆୟୋଗର ଜଣେ ଅଧିକାରୀ ଗଣମାଧମକୁ କହିଛନ୍ତି, ଆମେ ମୁକ୍ତାଙ୍କୁ ଛୁଟି ନେବାକୁ କହିଥିଲୁ , କିନ୍ତୁ ସେ ଏହା ଚାହିଁ ନଥିଲେ।

## ଟ୍ରେନ୍ ପୋଡି ଘଟଣା...

# ଛାତ୍ରଙ୍କୁ ଏମିତି ଅନୁରୋଧ କଲେ ରେଳ ମନ୍ତ୍ରୀ

**ନୂଆଦିଲୀ(ସଂପର୍କବାର୍ତ୍ତା):-** ଅଣ ବୈଷୟିକ (ଏନଟିପିସି) ନିଯୁକ୍ତିରେ ଦ୍ୱିଯକ୍ତିରେ ଦ୍ୱସ୍ତରୀୟ ପରୀକ୍ଷାକୁ ବିରୋଧ କରି ନିଯୁକ୍ତି ଆଶାୟୀମାନେ ମଙ୍ଗଳବାର ହିଂସାକାଣ୍ଡ ଘଟାଇଥିଲା ତେବେ ଉତ୍ୟକ୍ତ ଛାତ୍ରମାନଙ୍କୁ ଶାନ୍ତି ରହିବାକୁ ନିବେଦନ କରିଛନ୍ତି ରେଳ ମନ୍ତ୍ରୀ ଅଶ୍ୱିବୀ ବୈଷ୍ଣବ। ନିଯୁକ୍ତି ଆଶୟୀମାନଙ୍କୁ ହିଂସା ନକରିବାକୁ ହଂସି ନକରିବାକୁ ଅନୁରୋଧ କରିଛନ୍ତି ଅଶ୍ୱିନୀ ସେ କହିଛନ୍ତ ଯେ, ମୁଁ ଛାତ୍ରମାନଙ୍କୁ ଅନୁରୋଧ କରୁଛି ଯେ ରେଳ ହେଉଛି ଆପଣଙ୍କର ସମ୍ପତ୍ତି ଦୟାକରି ଏହାକୁ ନଷ୍ଟ କରନ୍ତୁ ନାହିଁ। ଆମେ ଆପଣଙ୍କର ସମସ୍ୟାର ସମାଧାନ କରିବୁ। ପରୀକ୍ଷାର ସେ କହିଛନ୍ତ ଯେ, ମୁଁ ଛାତ୍ରମାନଙ୍କୁ ଅନୁରୋଧ କରୁଛି ଯେ, ରେଳ ହେଉଛି ଆପଣଙ୍କର ସମ୍ପତ୍ତି ଦୟାକରି ଏହାକୁ ନଷ୍ଟ କରନ୍ତୁ ନାହିଁ। ଆମେ ଆପଣଙ୍କର ସମସ୍ୟାର ସମାଧାନ କରିବୁ। ପରୀକ୍ଷାର ଫଳାଫଳ ସ୍ୱଚ୍ଛ ଏବଂ ନ୍ୟାୟ ପୂର୍ଣ୍ଣ ହେବ ବୋଲି ସେ କହିଛନ୍ତି। ବିହାରର ଗୟା



ରେଳ ଷ୍ଟେସନରେ ବିକ୍ଷୋଭକାରୀମାନେ ଟ୍ରେନରେ ନିଆଁ ଲଗାଇବାର କିଛି ସମୟ ପରେ ମନ୍ତ୍ରୀଙ୍କ ଏହି ବିବୃତ୍ତି ଆସିଛି। ବିକ୍ଷୋଭକାରୀମାନେ ମଧ ଷ୍ଟେସନକୁ ଭଙ୍ଗାରୁଜା କରିଥିଲେ। ଅଶ୍ୱିନୀ କହିଛନ୍ତି ଯେ,ମନ୍ତ୍ରଣାଳୟ ଏକ କମିଟି ଗଠନ କରିଛି । ଯେଉଁ ଥିଲେ ବିଭିନ୍ନ ରେଳ ନିଯୁକ୍ତି ବୋର୍ଡ ଅଧୀନରେ ହୋଇଥିବା ପରୀକ୍ଷାରେ ଫଳାଫଳ ଯାଂଚ କରାଯିବ। ମନ୍ତ୍ରୀ କହିଛନ୍ତି, ଆମକୁ ଏପରି ଏକ ସମାଧାନ ଖୋଜିବାକୁ ପଡିବ, ଯେଉଁ ମାନଙ୍କୁ ସର୍ଟଲିଷ୍ଟ କରାଯାଇଛି ସେମାନେ ନିରାଶ ହେବନି। ଯେଉଁମାନଙ୍କର ଅଭିଯୋଗ ଅଛି, ସେମାନଙ୍କର ସମାଧାନ କରାଯିବା ଉଚିତ୍।

ସୂଚନା ଅନୁଯାୟୀ , ବିହାରରେ ରେଲ୍‌ୱେ ରିକ୍ରୁ୍ୟଟ୍‌ମେଣ୍ଟ୍ ବୋର୍ଡ ଆୟେଜିତ ନନ୍ ଟେକ୍ନିକାଲ୍ ପପୁଲାର କ୍ୟାଟେଗୋରି ପରୀକ୍ଷାର ଫଳାଫଳକୁ ନେଇ ତିନିଦିନ ଧରି ଆନ୍ଦୋଳନ ଜାରି ରହିଛି। ଡିଡିୟୁ ରେଳ ମଣ୍ଡଳର ଗୟା ଜନ୍‌କ୍ସନରେ ବୁଧବାର ପରୀକ୍ଷାରେ ତ୍ରୁଟି ଅଭିଯୋଗରେ ଆନ୍ଦୋଳନାକାରୀ ଆଶାୟୀ ଭଙ୍ଗାରୁଜା ଭଳି ସ୍ଥିତି ଉପୁଜାଇଛନ୍ତି। ଏହି ସମୟରେ ଗୟା ଜନ୍‌କ୍ସନର କରିମ୍‌ଗଞ୍ଜ ୟାର୍ଡରେ ଛିଡା ହୋଇଥିବା ଏମ୍‌ଟି କୋଚ୍‌ରେ ନିଆଁ ଲଗାଇ ଦେଇଛନ୍ତି। ଫଳରେ କୋଚ୍‌ଟି ଜଳି ଯାଇଥିବା ଦେଖିବାକୁ ମିଳିଛି।

# ବରଣମାଳ ଫୋପାଡିବାରୁ ବର ଉପରେ ରାଗି ଯାଇ ବିବାହ କରିବାକୁ ମନା କରିଦେଲେ କନ୍ୟା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବରର ବ୍ୟବହାରରେ କନ୍ୟା ଅତିଷ୍ଠ ହୋଇ ବିବାହ କରିବାକୁ ମନା କରିଦେଲା କନ୍ୟା । ଏହିଭଳି ଏକ ଘଟଣା ଉତ୍ତରପ୍ରଦେଶର ଔରୟା ଜିଲ୍ଲାରୁ ସାମନାକୁ ଆସିଛି। କୌଣସି ଏକ କାରଣରୁ ବରଣମାଳ ସମୟରେ ବର ବେକରୁ ବରଣାମାଳ ସମୟରେ ବର ବେକରୁ ବରଣମାଳ କାଢି ଫୋପାଡି ଦେଇଥିଲା ଏହି ଭଳି ବ୍ୟବହାରରେ ରାଗିଯାଇ କନ୍ୟା ବିବାହ କରିବାକୁ ସଫା ମନାକରିଦେଇଛି। ଏହି ଘଟଣା ଏବେ ଉକ୍ତ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ବିବାହ ଉତ୍ସବରେ ଏହି କାରଣରୁ ହଙ୍ଗାମା ହୋଇଥିବା



ଜଣାପଡିଛି। ଏହି କାରଣରୁ ଦୁଇ ପରିବାର ମଧରେ ଖୁବ୍ ଜୋରରେ ଝଗଡା ଆରମ୍ଭ ହୋଇଯାଇଥିଲା ଏହାପରେ ସମ୍ପର୍କୟ ମାନେ କନ୍ୟାକୁ ବିବାହ କରିବାକୁ କଖୁବ୍ ବୁଝାଇଥିଲେ। ହେଲେ କନ୍ୟା ବିବାହ କରିବାକୁ ଆଦୌ ରାଜି ହୋଇନଥିଲେ। କନ୍ୟା ନିଜର ନିଷ୍ପତି ବଦଳାଇବାକୁ ମନାକ କରିଦେଇଥିଲେ। ତେବେ ଏହି ଘଟଣା ଘଟିଣା ଘଟିବା ସମୟରେ ବର ପରିବାର ଲୋକେ ଖାଇବା ପାଇଁ ଚାଲି ଯାଇଥିଲେ। ତେବେ ଆକାଶ ବର ଙ୍କ କହିବା କଥା ଯେ ସେ ବରଣମାଳ ଫୋପାଡି ନାହାନ୍ତି।

# ଆମେରିକା-କାନଡା ସୀମାନ୍ତରେ ଅତି ଥଣ୍ଡା ଯୋଗୁଁ ମୃତ୍ୟୁ ଘଟିଥିବା ଭାରତୀୟ ପରିବାର ପରିଚୟ ମିଳିଲା

**ଅହମଦାବାଦ(ସଂପର୍କବାର୍ତ୍ତା):-** ଅଳ୍ପ ଦିନ ପୂର୍ବେ ଯୁକ୍ତାରଷ୍ଟ୍ର ଆମେରିକା କାନଡା ସୀମାନ୍ତରେ ଅତିଶୟ ଥଣ୍ଡା ଯୋଗୁଁ ପ୍ରାଣ ହରାଇଥିବା ଭାରତୀୟ ପରିବାର ୪ଜଣ ସଦସ୍ୟଙ୍କର ପରିଚୟ ମିଳିଥିବା କଥା ଆଜି ସକାଳେ ସରକାରୀ କର୍ତ୍ତୃପକ୍ଷମାନେ କହିଛନ୍ତି। ସେମାନେ ଥିଲେ ଗାନ୍ଧୀନଗର ତହସିଲ ଅନ୍ତର୍ଗତ କଲୋଲ ଅଂଚଳରେ ଦିନଗୁଚା ଗ୍ରାମର ବାସିନ୍ଦା କୁହାଯାଉଛି, ଜାନୁଆରି ୧୯ତାରିଖ ଦିନ ବେଆଇନ ଭାବେ ଆମେରିକାକୁ ପ୍ରବେଶ କରୁଥିବା ବେଳେ ଯୁକ୍ତରଷ୍ଟ୍ର ଆମେରିକା-କାନଡା ସୀମାନ୍ତବର୍ତ୍ତୀ କାନଡାର ମାନିଟୋବା ପ୍ରବେଶରେ ଅତିଶୟ ଥଣ୍ଡାରେ ପ୍ରାଣ ହରାଇଥିଲେ। ଓଟାଓସ୍ଥିତ



ଭାରତର ହାଇକମିସନ୍‌ର ରିଲିଜ୍ କରିଥିବା ବିବୃତି ଅନୁସାରେ ମୃତ ବ୍ୟକ୍ତିମାନେ ହେଲେ, ୩୯ବର୍ଷୀୟ ଜଗଦୀଶ ପଟେଲ୍ , ତାଙ୍କ ୩୭ବର୍ଷୀୟ ପତ୍ନୀ ବୈଶାଳୀ ପଟେଲ୍, ସେମାନଙ୍କ ୧୧ ବର୍ଷୀୟ ଝିଅ ବିହଙ୍ଗୀ ପଟେଲ୍ ଏବଂ ୩ବର୍ଷିୟ ପୁଆ ଧାର୍ମିକ ପଟେଲ୍। ଅତୀତରେ ସ୍କୁଲ୍ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ପରିବାରର ମୁଖ୍ୟ ଜଗଦୀଶ ପରେ କଲୋଲ ସହରରେ ବିଭିନ୍ନ କିସମର ବ୍ୟବସାୟ କରୁଥିଲେ। ଦିନଗୁଚାରେ ସେମାନଙ୍କର ଏକତାଲା ବିଶିଷ୍ଟ ଘରଟିଏ ରହିଛି। କିନ୍ତୁ ଜଗଦୀଶଙ୍କ ବାପା ବଳଦେବ ପଟେଲ୍ ମଧ ଗାଁ ଛାଡି ଚାଲିଯାଇଥିବାରୁ ସେ ଘରେ ତାଲା ପଡିଛି। ପର୍ଯ୍ୟଟକ ଭିସାରେ ଉପରୋକ୍ତ ପରିବାର ଏକ ପକ୍ଷ ପାଇଁ କାନଡା ଭ୍ରମଣରେ ଯାଇଥିଲେ ବୋଲି ସରକାରୀ କର୍ତ୍ତ ପକ୍ଷମାନେ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ନିର୍ବାଚନରେ...

୧୫୩ଏ, ୧୫୩ବି, ୧୭୧ବି,୧୭୧ସି,୧୭୧ଏଚ ଓ ୫୦୫ଧାରାଅନ୍ତର୍ଗତ ମାମଲା ରୁଜୁ କରି ତୁରନ୍ତ ନିରପେକ୍ଷ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବାକୁ କହିଛନ୍ତି। ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ଆଚରଣ ବିଧି ସମସ୍ତ ସରକାରୀ ,

ବିଭିନ୍ନ ଉଦ୍ୟୋଗ ଓ ନିଗମ, ସମବାୟ ସଂସ୍ଥା,ସ୍ୱାୟତ୍ତ ସଂସ୍ଥା ଓ ପଂଚାୟତିରାଜ ସଂସ୍ଥାର କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ, ଓଡିଶା ଗ୍ରାମ ପଂଚାୟତ ଆଇନ-୧୯୬୪ର ଧାରା ୨୮ର ପ୍ରାବଧାନ ଅନୁସାରେ କୌଣସି ସରକାରୀ କର୍ମଚାରୀ ଅବା ସ୍ୱାୟତ୍ତ ସଂସ୍ଥାର କାର୍ଯ୍ୟରତ ବ୍ୟକ୍ତି ନିବାଚନକୁ ପ୍ରଭାବିତ କରିବା ଭଳି କାର୍ଯ୍ୟ କରିପାରିବେ ନାହିଁ। ଯଦି ସେ କୌଣସି ପ୍ରାର୍ଥୀଙ୍କ ସପକ୍ଷରେ ଏଭଳି କରନ୍ତି ଅବା ଭୋଟକୁ ପ୍ରଭାବିତ କରନ୍ତି ତା ହେଲେ ତାକୁ ନିଜର ଚାକିରି ହରାଇବାକୁ ପଡିବ। ଏହାସହିତ ଶ୍ରୀ ମହାପାତ୍ର ସମସ୍ତ ସରକାରୀ ଗାଡି, ପ୍ରଶାସନିକ କଳ ଓ କର୍ମଚାରୀ ଯେଭଳି ସରାକରୀ ପାଣ୍ଠିରୁ ପ୍ରଦାନ କରାଯାଇ ପାରିବ ନାହିଁ ବୋଲି ମୁଖ୍ୟ ସଚିବ ଶ୍ରୀ ମହାପାତ୍ର ସ୍ପଷ୍ଟ କରିଛନ୍ତି ପଂଚାୟତ ନିର୍ବାଚନରେ ସମ୍ପୂର୍ଣ୍ଣ ନିରପେକ୍ଷ ହେଶଇ କାର୍ଯ୍ୟ କରିବାକୁ ସେ ସବୁ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

### କଟକର...

ଫାଷ୍ଟଫୁଡ୍, ଦହିବରା ଆଳୁଦମ୍ ପ୍ରଭୃତି ବ୍ୟବସାୟୀଙ୍କ ଆଦୌ ଲାଇସେନ୍ସ ନାହିଁ। ଏଥିପାଇଁ ନିଗମର ରାଜସ୍ୱ ହାନି ଘଟୁଥିଲାବେଳେ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଆଦୌ ନଗର ଦିଆଯାଉନାହିଁ। ନିଗମର ଖାଦ୍ୟ ସୁରକ୍ଷା ବିଭାଗ କାଁ ଭାଁ ଚଢ଼ଉ କରି ଦାୟିତ୍ୱ ଶେଷ କରୁଛି। ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରଣୀତ ହୋଇଥିବା ଖାଦ୍ୟ ସୁରକ୍ଷା ଓ ମାନ ଆଇନ ଏକପ୍ରକାର ପ୍ରହସନ ପାଲଟିଛି। ଏହି ଆଇନ ମୁତାବକ ଗୋଟିଏ ଖାଦ୍ୟ ଦୋକାନ କିଭଳି ଭାବେ ଉତ୍କୃଷ୍ଟ ମାନର ଖାଦ୍ୟ ବିକ୍ରି କରିବା ସହିତ ବାସିଖାଦ୍ୟ କିମ୍ବା ଅପମିଶ୍ରିତ ଖାଦ୍ୟ ଆଦୌ ବିକ୍ରି କରିପାରିବେ ନାହିଁ। ସହରରେ ଏହି ଆଇନକୁ କଡ଼ାକଡ଼ି ଭାବେ ନିରୀକ୍ଷଣ କରିବା ନିମନ୍ତେ ରାଜ୍ୟ ସରକାର ସିଏମ୍‌ସି ଅଧୀନସ୍ଥ ନଗର ସ୍ୱାସ୍ଥ୍ୟ ବିଭାଗରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ନିୟୋଜିତ କରିଛନ୍ତି। ଏଥିପାଇଁ ଯଥେଷ୍ଟ କର୍ମଚ୍ଚରୀ ମଧ ଯୋଗାଇ ଦେଇଛନ୍ତି।

ନିୟମିତ ବ୍ୟବଧାନରେ ବେଆଇନ୍ ଖାଦ୍ୟ ଦୋକାନଗୁଡ଼ିକରେ ଚଢ଼ଉ କରାଯାଇ ଖାଦ୍ୟ ମାନ ଯାଞ୍ଚ କରିବା ପରେ ସେଗୁଡ଼ିକୁ ପରୀକ୍ଷାଗାରକୁ ପଠାଯିବାର ପ୍ରାବଧାନ ରହିଛି। ବିବରଣୀରେ ଖାଦ୍ୟ ଅପମିଶ୍ରିତ କିମ୍ବା ବାସି ହୋଇଥିଲେ ନିୟମ ଅନୁଯାୟୀ କଠୋର ଦଣ୍ଡବିଧାନ ରହିଛି। ହେଲେ ଯେଉଁ କେତେକ କ୍ଷେତ୍ରରେ ଯାଞ୍ଚ ହେଉଛି ତାର ବିବରଣୀ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ନା ଗନ୍ଧ ନାହିଁ। ଦୈନନ୍ଦିନ ସହରକୁ ବିଭିନ୍ନ କାର୍ଯ୍ୟ ନିମନ୍ତେ ଲକ୍ଷାଧିକ ଲୋକ ଆସୁଛନ୍ତି। ଏଥିପାଇଁ ସେମାନେ ବାହାରେ ଖୋଲିଥିବା ଖାଦ୍ୟ ଦୋକାନ ଉପରେ ନିର୍ଭର କରୁଛନ୍ତି। ବିଶେଷ କରି ମଧୁପାଟଣା ଛକରୁ ଲିଙ୍କ୍‌ରୋଡ଼ ମଧରେ ଥିବା ଖାଦ୍ୟ ଦୋକାନଗୁଡ଼ିକରେ ବ୍ୟାପକ ପରିମାଣରେ ଅପମିଶ୍ରି ଓ ବାସି ଖାଦ୍ୟ ବିକ୍ରି ଚାଲୁଥିଲେ ବି ନିଗମ ହାତବାନ୍ଧି ବସିରହିଛି।

ଏପରିକି ଏଠିକାର ରାସ୍ତାକଡ଼ ଦୋକାନ ନାଳରେ ଆବର୍ଜନା ପକାଇ ଜାମ କରୁଥିବା ଦେଖିବାକୁ ମିଳୁଛି। ସେହିଭଳି ରାଣୀହାଟ, ବାଦାମବାଡ଼ି, ନିଗମ ଅନ୍ତର୍ଗତ ଜାତୀୟ ରାଜପଥ କଡ଼ ଢାବା,ନୂଆବଜାର, ଓଏମ୍‌ପି, କଲେଜ ଛକ, କଚେରି, ଚାନ୍ଦିନୀଚୌକ, ଚଣ୍ଡିଛକ, ଜିଲ୍ଲା ପଡ଼ିଆ, ମର୍କତନଗର ପ୍ରଭୃତି ଅଞ୍ଚଳରେ ଦୋକାନ ବଢ଼ିଚାଲିଛି। ଅନ୍ୟପକ୍ଷରେ ନିଗମର ବିକାଶ ଭବନରେ ଥିବା ଖାଦ୍ୟ ସୁରକ୍ଷା ବିଭାଗ ଏକାଧିକ ସମୟ ଖାଲି ରହୁଥିବା ଦେଖିବାକୁ ମିଳୁଛି। ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଆଖି ବୁଜି ଦେଇଥିବାରୁ ବାସି କିମ୍ବା ଅପମିଶ୍ରିତ ଖାଦ୍ୟ ଖାଇ ଗୁରତର ପରିସ୍ଥିତି ଘଟିଲେ ଦାୟୀ କିଏ ରହିବ ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି।

# ପତି-ପତ୍ନୀଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ଦୁଷ୍କର୍ମ ନୁହେଁ

**ନୂଅଦିଲ୍ଲୀ(ସଂପର୍କବାର୍ତ୍ତା):-** ପତି ପତ୍ନୀଙ୍କ ମଧରେ ଶାରୀରିକ ସମ୍ପର୍କକୁ ଦୁଷ୍କର୍ମ ଭାବରେ ଗ୍ରହଣ କରାଯିବ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି ଦିଲ୍ଲୀ ହାଇକୋର୍ଟ। ଏହା ସହିତ ସ୍ୱାମୀ-ସ୍ତ୍ରୀଙ୍କ ମଧରେ ସମ୍ପର୍କକୁ ଯୌନ ଦୁଷ୍କର୍ମ ବର୍ଗରେ ସାମିଲ କରାଯାଇ ପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ନିଜ ନିଜର ରାଗ ଏବଂ ଇର୍ଷାକୁ ପ୍ରତିଫଳିତ କରିବା ପାଇଁ ଏଭଳି ମାମଲା କରିବା ମଧ ଭୁଲ ବୋଲି କୋର୍ଟ କହିଛନ୍ତି। ମଙ୍ଗଳବାର କୋର୍ଟ। ଏହା ସହିତ ସ୍ୱାମୀ–ସ୍ତ୍ରୀଙ୍କ ମଧରେ ସମ୍ପର୍କକୁ ଯୋନ ଦୁଷ୍କର୍ମ ବର୍ଗରେ ସାମିଲ କରାଯାଇ ପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ଶୁଣାଇଛନ୍ତି। ଘରୋଇ ହିଂସା ଆଇନର ଧାରା ୩ ଅନୁଯାୟୀ ମହିଳାଙ୍କ ସମ୍ମାନ ହାନି କରୁଥିବା ଯେ କୌଣସି ପ୍ରକାରର ଯୌନ ସମ୍ପର୍କକୁ ଦୁଷ୍କର୍ମ ଭାବରେ ସାମିଲ କରିବା ପାଇଁ ଆବେଦନ କରାଯାଇଥିଲା ହୃଦୟ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆର କେ କପୁର କହିଛନ୍ତି ବିବାହକୁ ଦୃଢ କରିବା ମ୍ୟାରିଟାଲ ରେପ




ଆଇନର ପ୍ରଥମ ଲକ୍ଷ୍ୟ। ତେବେ ସ୍ୱାମୀ-ସ୍ତ୍ରୀଙ୍କ ମଧରେ ହେଉଥିବା ଯୌନ ସମ୍ପର୍କକୁ ବୈବାହିକ ଦୁଷ୍କର୍ମ ବଦଳରେ ଯୌନ ଶୋଷଣ କହିବା ଉଚିତ ହେବ। ଯୌନ ଶୋଷଣ ପାଇଁ ଘରୋଇ ହିଂସା ଆଇସ ଏବଂ ଆଇପିସିର ଧାରା ୩୭୬ ରହିଁଛି । ତେବେ କିଛି ମହିଳା ନିଜର ରାଗ ଶାନ୍ତ କରିବା ପାଇଁ କେତେ ବର୍ଷ ଦଣ୍ଡାଦେଶ ହେବ ତାହା ଅପିଲ କରିବା ଗ୍ରହଣ ଯୋଗ୍ୟ ନୁହେଁ। ମ୍ୟାରିଟାଲ୍ ରେପ୍ କୁ ଏକ ଅପରାଧ ଭାବରେ ଗଣାଯିବା ଆବେଦନ ଉପରେ ନିଷ୍ପତି ନେବାରେ କୋର୍ଟକୁ ସହାୟତା କରୁଥିବା ଆମିକସ୍ କ୍ୟୁରି ଭାବେ ନିଯୁକ୍ତ କରାଯାଇଥିବା ବରିଷ୍ଠ ଅଧିବକ୍ତା ରାଜଶେଖର ରାଓ କହିଛନ୍ତି କିଏ ବି ଏହା କହୁନାହାନ୍ତି ଯେ ସ୍ୱାମୀର କୌଉସି ଅଧିକାର ନାହିଁ। ହେଲେ ପ୍ରଶ୍ନ ଏହା ଯେ, କଣ ତାଙ୍କର ଉକ୍ତ ପ୍ରାବଧାନ ଅଧୀନରେ ଆଇନର କଠୋରତାରୁ ବଂଚିବାର ରହିଛି ? କଣ ସେ ମାନୁଛନ୍ତି ଯେ, ଆଇନ ତାଙ୍କୁ ଏଥିରୁ ବର୍ତ୍ତିବା ପାଇଁ ଦେବ? ତେବେ ଆଇପିସି ଧାରା ୩୭୫ଦୁଷ୍କର୍ମ ଅଧିନରେ ନିୟମ ରହିଛି ଯେ, କୌଣସି ବ୍ୟକ୍ତି ଦ୍ୱାରା ତାର ପତ୍ନୀଙ୍କ ସହିତ ଶାରୀରିକ ସମ୍ବନ୍ଧକୁ ବଳାତ୍କାରର ଅପରାଧରୁ ମୁକ୍ତ କରିଥାଏ। କିନ୍ତୁ ଏପରି ମାମଲାରେ ପତ୍ନୀ ଙ୍କ ବୟସ ୧୫ବର୍ଷରୁ ଅଧିକ ରହିଥିବା ଆବଶ୍ୟକ। ଜଷ୍ଟିସ୍ ରାଜୀବ ଶକଧର୍ ଓ ଜଷ୍ଟିସ୍ ସି ହରିଶଙ୍କରଙ୍କ ପୀଠ ସାମନାରେ ଦସ୍ତାବିଜ୍ ଦିଆଯାଇଛି ଯେ, ଯଦି ପ୍ରାବଧାନ ବା ବ୍ୟବସ୍ଥା ଏହା ସନ୍ଦେଶ ହେଉଛି ତାହେଲେ କଣ ଏହା କୌଣସି ପତ୍ନୀଙ୍କ ଅସ୍ତିତ୍ୱ ଉପରେ ମୌଳିକ ହମଲା ନୁହେଁ ?

# ଆସି ଗଲାଣି 'ନିଓକୋଭ ଭାଇରସ୍'

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବିଶ୍ୱବାସୀଙ୍କୁ ଚେତାବନୀ ମାଡି ଆସିଲାଣି ନୂଆ ଭାଇରସ୍। ମଣିଷକୁ ଆହୁରି ସତର୍କ ରହିବାକୁ ହେବ। କରୋନା ଭାଇରସ୍‌ରେ ପ୍ରଥମ ଗଡ କୁହାଯାଉଥିବା ଚୀନର ଉହାନ ସହରରେ ବୈଜ୍ଞାନିକମାନେ ବିଶ୍ୱବାସଙ୍କୁ ଏକ ବଡ ଚେତାବନୀ ଦେଇଛନ୍ତି। ବିଶ୍ୱକୁ ନୂଆ କରୋନା ଭାଇରସ୍ ଆସି ଗଲାଣି ଏହି ନୂଆ ଭାଇରସ୍ ବହୁତ ଅଧିକ ସଂକ୍ରାମକ ରହିଛି ଏବଂ ଏଥିରେ ପ୍ରତି ୩ଜଣରେ ଜଣଙ୍କର ମୃତ୍ୟୁ ହୋଇ ପାରେ। ବୈଜ୍ଞାନିକମାନେ କହିଛନ୍ତି, ଏହି ନୂଆ କରୋନା ଭାଇରସ୍ ଦକ୍ଷିଣ ଆଫ୍ରିକାରେ ମିଳିଛି। ଯଦିଓ ବୈଜ୍ଞାନିକମାନଙ୍କ କହିବା ହେଲା, ନିଓକୋଭ କରୋନା ଭାଇରସ୍ ନୂଆ ନୁହେଁ। ତେବେ ଆଶ୍ୱସ୍ତୀକର କଥା ଏହା ହେଉଛି ଯେ ଏହି ନୂଆ କରୋନା ଭାଇରସ୍ ଏବେ ସୁଦ୍ଧା ମଣିଷଙ୍କଠାରେ ଦେଖାଦେଇ ନାହିଁ। ରୁଷୀୟ ନ୍ୟୁଜ୍ ଏଜେନ୍ସି ସ୍ପୁତନିକର ରିପୋର୍ଟ ମୁତାବକ ନିଓକୋଭ୍ କରୋନା ଭାଇରସ୍ ଭାଇରସ୍ ସହ ଜଡିତ ୨୦୧୨ ଏବଂ ୨୦୧୫ମସିହା ମଧରେ ପ୍ରଥମେ ଏହା ପଶ୍ଚିମ ଏସିଆର ଦେଶଗୁଡିକରେ ପ୍ରଭାବ ପକାଇଥିଲାଏହା ଏସଏଆରଏସ୍ – ସିଓଭି-୨ ଭଳି ହୋଇଥାଏ, ଯାହା ମଣିଷ ମଧରେ କରୋନା ଭାଇରସ୍ ସଂକ୍ରମଣ କରିଥାଏ। ଦକ୍ଷିଣ ଆଫ୍ରକାରେ ବର୍ତ୍ତମାନ ନିଓକୋଭ୍ ଭାଇରସ୍ ବାଦୁଡିମାନଙ୍କଠାରେ ଦେଖା ଦେଇଛି ଏବଂ ଏହା ଚାଇନା ଏକାଡେମୀ ଅଫ୍ ସାଇନ୍ସର ଅନୁସନ୍ଧାନକାରୀଙ୍କ କହିବା ହେଲା ଏହି ନୂଆ ଭାଇରସ୍ ମଣିଷର କୋଶିକା ଗୁଡିକ ସଂକ୍ରମିତ କରିବା ଲାଗି କେବଳ ଗୋଟିଏ ହିଁ ମ୍ୟଟେଶନ ଆବଶ୍ୟକ କରେ। ଅନୁସନ୍ଧାନରେ କୁହାଯାଇଛି ଯେ ମେଇରେଏସ୍ ଭଳି ନିଓକୋଭ ଭାଇରସରେ ବହୁତ ଅଧିକା ରୋଗୀଙ୍କର ମୃତ୍ୟୁ ଘଟିପାରେ।ଏହି ସଂଖ୍ୟା ପ୍ରତି ୩ରୋଗୀଙ୍କ ମଧ୍ୟରୁ ଜଣେ ହୋଇପାରେ । ସେପଟେ-ଭରକ୍ଟମକ୍ଟଙ୍ଖ ଭାଇରସ୍ ରେ ବର୍ତ୍ତମାନ ର ଝଇଜଝ-ଉଙଠ-୨କରୋନା ଭାଇରସ୍‌ର ଗୁଣ ଭରି ରହିଛି, ଯାହାକି ଏହାକୁ ଅତ୍ୟଧିକ ମାରାତ୍ମକ କରୁଛି । ଏନେଇ ରୁଷର ସରକାରୀ ଭାଇରୋଲୋଜି ରିସର୍ଚ୍ଚ ସେଣ୍ଟର ଗୁରୁବାର ଏକ ବିବୃତ୍ତି ଜାରି କରିଛି। ଏହା କହିଛି ଯେ ଭେକ୍ଟର ଅନୁସନ୍ଧାନ କେନ୍ଦ୍ର ନିଓକୋଭ୍ କରୋନା ଭାଇରସ୍ ଉପରେ ଚୀନ ଅନୁସନ୍ଧାନକାରୀଙ୍କ ଦ୍ୱାରା ସଂଗୃହିତ ତଥ୍ୟ ସହିତ ପରିଚିତ ରହିଛି। ବର୍ତ୍ତମାନ ସମୟରେ ଏହା ମଣିଷକୁ ସଂକ୍ରମିତ କରିବାରେ ସକ୍ଷମ ନୁହେଁ ତଥାପି ବିପଦକୁ ଦୃଷ୍ଟିରେ ରଖି ଆହୁରି ଅଧିକ ଅଧ୍ୟୟନ କରାଯିବାର ଆବଶ୍ୟକ ରହିଛି।




**ପ୍ରତି ୩ ଜଣରେ ଜଣଙ୍କର ମୃତ୍ୟୁ !**

RNI Regd No : ODIODI/2016/74122
ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ସଂପର୍କବାର୍ତ୍ତା
SAMPARK BARTA
ODIA WEEKLY
ଜାନୁଆରୀ ୩୧ ରୁ ଫେବୃୟାରୀ ୬, ୨୦୨୨, ଜଗତସିଂହପୁର
January 31 to February 6, 2022, Jagatsinghpur
www.samparkabarta.in





# ସାଧାରଣତନ୍ତ୍ର ଦିବସରେ ନବୀନ ରାଜ୍ୟବାସୀଙ୍କୁ କହିଲେ ଏପରି କଥା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ୭୩ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ବାସୀଙ୍କୁ ବାର୍ତ୍ତା ଦେଇଛନ୍ତି। ଏହି ସମୟରେ ସେ ଦେଶର ତଥା ରାଜ୍ୟର ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ମନେ ପକାଇଛନ୍ତି। ସେ କହିଛନ୍ତି ଯେ,

ପ୍ରିୟ ଭାଇ ଓ ଭଉଣୀମାନେ ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଅଭିନନ୍ଦନ ଜଣାଉଛି। ଏହି ଅବସରରେ ଜାତିର ଜନକ ମହାତ୍ମାଗାନ୍ଧୀ, ପଣ୍ଡିତ ନେହେରୁ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ମୌଲନା ଆଜାଦ, ଡଃ ଆମ୍ବେଦକର ବୀର ସୁରେନ୍ଦ୍ର ସାଏ, ବକ୍ସି ଜଗବନ୍ଧୁ, ଡଃ ରାଜେନ୍ଦ୍ର ପ୍ରସାଦ, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦାନ ଦାସ, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ସହିଦ ଲକ୍ଷବଛ ନାୟକ,ମା ରମାଦେବୀ,ସହିଦ ବାଜି ରାଉତ, ମାଳତୀ ଚୌଧୁରୀ, ପାର୍ବତୀ ଗିରି ଡଃ ହରେକୃଷ ମହତାବ ଓ ବିଜୁ ପଟ୍ଟନାୟକଙ୍କ ପରି ମହାନ ସଂଗ୍ରାମୀ ମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଦେଶର ଏକତା ଓ ସୁରକ୍ଷା ପାଇଁ ବଳିଦାନ ଦେଇଥିବା ଅମର ସହିଦ୍ ମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ସେହିପରି ସହିଦ୍ ହୋଇଥିବା ଆମର କୋଭିଡ ଯୋଦ୍ଧା ମାନଙ୍କ ପ୍ରତି ମଧ ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଚଳିତ ବର୍ଷ ସାରା ଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ କରୁଛି। ମହାନ ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜୟନ୍ତୀ ମଧ ଚଳିତ ବର୍ଷର ଏକ ଗୁରୁତ୍ୱ



ପୂର୍ଣ୍ଣ ଘଟଣା ଆମର ସ୍ୱାଧୀନତା ସଂଗ୍ରାମ କେବଳ ଏକ ରାଜନୈତିକ ସଂଗ୍ରାମ ନଥିଲା ଏହା ଥିଲା ସମତା ଓ ନ୍ୟାୟ ପାଇଁ ସଂଗ୍ରାମ ହିଂସା ଓ ଶୋଷଣ ବିରୁଦ୍ଧରେ ସଂଗ୍ରାମ ଆମର ସଂଗ୍ରାମ ଆମର ସଂଗ୍ରାମ କେବଳ ଆମ ପାଇଁ ସ୍ୱାଧୀନତା ଆଣି ନଥିଲା ଏହା ଥିଲା ସାର ବିଶ୍ୱ ପାଇଁ ମାନବତାର ସବୁଠାରୁ ବଡ ବିଜୟ ଆମର ସ୍ୱାଧୀନ ମୂଲ୍ୟବୋଧ ହିଁ ସମସ୍ତ ବିବିଧତା ସତ୍ତ୍ୱେ ଭାରତକୁ ମଜବୁତ କରି ରଖିଛି। ବିବିଧତା ହିଁ ଆମର ଶକ୍ତି। ଆମ ଜୀବନଧାରାର ଗୁରୁତ୍ୱପୂର୍ଣ୍ଣ ଦିଗ। ଏହାକୁ ଆମେ କେବେ ବି ନଷ୍ଟ ହେବାକୁ ଦେବା ନାହିଁ। ସେହିପରି ଆମ ସମ୍ବିଧାନ ଏକ ଆଦର୍ଶ ସମ୍ବିଧାନ ଆମ ଗଣତନ୍ତ୍ରର ଆତ୍ମା ଏକ ମହାନ ଦେଶର ଭାବରେ ନାଗରିକ ଭାବରେ ଆମର ସକଳ ଶକ୍ତିର ଆଧାର ହେଉଛି ଆମର ସମ୍ବିଧାନ। ଏକ ସମୃଦ୍ଧ ତଥା ନ୍ୟାୟପୂର୍ଣ୍ଣ ସମାଜ ଗଠନ ପାଇଁ ଏହା ଆମକୁ ସବୁବେଳେ ପ୍ରେରଣା ଦେଇ ଆସିଛି ।

ଆମ କଥା ଓ କାର୍ଯ୍ୟରେ ସମ୍ବିଧାନର ମୂଲ୍ୟବୋଧ ପ୍ରତିଫଳିତ ହୋଇପାରିଲେ, ଭାରତ ବିଶ୍ୱର ଶ୍ରେଷ୍ଠ ଗଣତାନ୍ତ୍ରିକ ରଷ୍ଟ୍ର ହୋଇପାରିବ। ବନ୍ଧୁଗଣ କରୋନାର ତୃତୀୟ ଲହରୀ ଏବେ ସାରା ବିଶ୍ୱରେ ବ୍ୟାପିଛି ଆମେ ମଧ ଏହାର ମୁକାବିଲା କରୁଛୁ। ମୋର ଅନୁରୋଧ ଆମେ ଭୟଭୀତ ହେବା ନାହିଁ। କରୋନାର ଲାଇନ୍‌ସକୁ ଠିକ୍ ଭାବରେ ପାଳନ କରିବା ଏବଂ କରୋନକୁ ହରାଇବା ମୋର ବିଶ୍ୱାସ, ସମସ୍ତଙ୍କ ସହଯୋଗରେ କରୋନା ଶୀଘ୍ର ଦୂର ହେବ ଏବଂ ଜୀବନ ଜୀବିକା ଆଗଭଳ ପୁଣି ସ୍ୱାଭାବିକ ହେବ, ଜୟହିନ୍ଦ୍।

# ଅସଜ୍ଞାତ ଅବସ୍ଥାରେ ଫରେଷ୍ଟ ଗାର୍ଡ ଓ ରେଞ୍ଜର

**କରଞ୍ଜିଆ(ସଂପର୍କବାର୍ତ୍ତା):-** ରେଞ୍ଜ ଅଫିସ୍‌ରେ ରେଞ୍ଜର ଓ ଫରେଷ୍ଟ ଗାର୍ଡ ଅସଜ୍ଞାତ ଅବସ୍ଥାରେ ଥିଲେ। ଦେଖିଦେଲି ବୋଲି ମୋତେ ପିଟିଲେ। ଆଜି ଏପରି ଅଭିଯୋଗ ଆଣିଛନ୍ତି ଜଣେ ଫରେଷ୍ଟର, ଯାହାରୁ ମହିଳା ଫରେଷ୍ଟ ଗାର୍ଡ ଓ ରେଞ୍ଜର ଖଣ୍ଡନ କରିଛନ୍ତି। ଏପରି ଅଭିଯୋଗ ଆସିଛି ମୟୂରଭଞ୍ଜ ଜିଲ୍ଲାରୁ। ଅଭିଯୋଗ ଅନୁଯାୟୀ,ଠାକୁରମୁଣ୍ଡା ରେଞ୍ଜ କାର୍ଯ୍ୟାଳୟରେ ବୁଧବାର ସାଧାରଣତନ୍ତ୍ର ପାଳନ ହୋଇଥିଲା ପତାକା ଉତ୍ତୋଳନ ସରିବା ପରେ କେଶଡିହା ସେକ୍ସନର ଫରେଷ୍ଟର ଭାସ୍କର ଚନ୍ଦ୍ର ଘଣାଙ୍କୁ ରେଞ୍ଜ ଅଧିକାରୀ କିଶୋର ପାଣିଗ୍ରାହୀ ଡାକି ଜାଇକା ପ୍ରକଳ୍ପର ଅଂଶଧନ ବାବଦକୁ ୪୦ ହଜାର ଟଙ୍କା ମାଗିଥିଲେ। ତେବେ ଶ୍ରୀ ଘଣା ପଇସା ପାରିବେ ନାହିଁ ବୋଲି କହିଥିଲେ। ଏହାକୁ ନେଇ ରେଞ୍ଜ ଅଧିକାରୀ ଶ୍ରୀ ପାଣିଗ୍ରାହୀ ବିରକ୍ତି ପ୍ରକାଶ କରିଥିଲେ। ଏହା ପରେ ଶ୍ରୀ ଘଣା ଘରକୁ ପଳାଇଥିଲେ। କିନ୍ତୁ ଭୋଜି ଅଛି କହି ରେଞ୍ଜ ଅଧିକାରୀ ତାଙ୍କୁ ଅପରାହ୍ନରେ ପୁଣି ଡକାଇଥିଲେ।ଭାସ୍କର ଚନ୍ଦ୍ର ଘଣାଙ୍କ କହିବା ଅନୁସାରେ ଅପରାହ୍ନରେ ରେଞ୍ଜ ଅଧିକାରୀ କିଶୋର ପାଣିଗ୍ରାହୀ ତାଙ୍କୁ ଫୋନ୍ କରିଥିଲେ। ଭୋଜି ଅଛି କହି ରେଞ୍ଜ ଅଫିସ୍‌କୁ ଡାକିଥିଲେ। ଏହା ପରେ ସେ ରେଞ୍ଜ ଅଫିସକୁ ଯାଇଥିଲେ। ତେବେ ସେଠାରେ ପହଂଚି ସେ ରେଞ୍ଜର କିଶୋର ପାଣିଗ୍ରାହୀ




ଓ ଜଣେ ମହିଳା ଫରେଷ୍ଟ ଗାର୍ଡଙ୍କୁ ଅସଜ୍ଞାତ ଅବସ୍ଥାରେ ଦେଖିଥିଲେ। ଧରାପଡିଯିବାକୁ ରେଞ୍ଜର ଓ ମହିଳା ଫରେଷ୍ଟ ଗାର୍ଡ ରାଗି ତାଙ୍କୁ ଗାଳି କରିଥିଲେ। ପରେ ଉଭୟ ମିଶି ତାଙ୍କୁ ନିର୍ଘୁମ ପିଟିଥିଲେ। ସେ ଗୁରୁତ୍ୱର ଆହତ ହୋଇଥିଲେ। ସେମାନଙ୍କ କବଳରୁ ମୁକୁଳି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ଥିଲେ। ବୁଧବାର ସନ୍ଧ୍ୟାରୁ ଆଜି ପର୍ଯ୍ୟନ୍ତ ସେ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଅନ୍ୟ ପକ୍ଷରେ ଫରେଷ୍ଟର ଶ୍ରୀ ଘଣାଙ୍କ ଅଭିଯୋହର ଜବାବ ରଖିଛନ୍ତି ମହିଳା ଫରେଷ୍ଟ ଗାର୍ଡ। ସେ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଶ୍ରୀ ଘଣାଙ୍କୁ ମାଡ ମରା ଯାଇଥିବା ଘଟଣା ସମ୍ପୂର୍ଣ୍ଣ ମିଥ୍ୟା ରେଞ୍ଜ ଅଧିକାରୀ ଗତକାଲି ଠାକୁରମୁଣ୍ଡାରେ ନଥିଲେ।ରେଞ୍ଜର ସାରାଙ୍କ ସହିତ ମୋର ଦେଖା ହୋଇନାହିଁ। ଭାସ୍କର ଚନ୍ଦ୍ର ଘଣା ନିଶାରେ ଥିଲେ। ଚାଲିବା ଅବସ୍ଥାରେ ନଥିଲେ ସେ ମୋତେ ଦୁର୍ବ୍ୟବହାର କରିବାରୁ ମୁଁ ଥାନାରେ ଏଫ୍‌ଆଇଆର୍ ଦେବାକୁ ଯିବ ବୋଲି କହିଥିଲେ। ଏହାପରେ ସେ ମୋତେ ଆକ୍ରମଣ କରିଥିଲେ ମୋ ବିରୋଧରେ ଏକ ଷଡଯନ୍ତ୍ର ହୋଇଛି। ସେହିଭଳି ଫରେଷ୍ଟରଙ୍କୁ ମାଡ ଅଭିଯୋଗକୁ ଖଣ୍ଡନ କରିଛନ୍ତି ରେଞ୍ଜ ଅଧିକାରୀ କିଶୋର ପାଣିଗ୍ରାହୀ ସେ ମୋର ଦୁଷ୍ମନ ନା କଣ ତାଙ୍କୁ ମାଡ ମାରିବି। ସେ ମୋର ଷ୍ଟାଫ୍ ତାଙ୍କୁ କାହିଁକି ମାଡ ମାରିବି ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି ।

# ଏସ୍‌ସିବି ମେଡ଼ିକାଲ ଦଲାଲମୁକ୍ତ କେବେ ?

**କଟକ(ସଂପର୍କବାର୍ତ୍ତା):-** ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ ଓ ହାସପାତାଳରୁ ଦଲାଲମୁକ୍ତ ଯୋଜନା ନାମକୁ ମାତ୍ର ଚାଲିଛି। ପ୍ରତିଦିନ ଏଠାରୁ ଶହ ଶହ ରୋଗୀ ଘରୋଇ ହସ୍‌ପିଟାଲକୁ ପଠାଯାଉଛି। ବିଭିନ୍ନ ସ୍ଥାନରୁ ଆସୁଥିବା ରୋଗୀ ଘରୋଇ ହସ୍ପିଟାଲ ଦ୍ୱାରା ଶୋଷଣର ଶିକାର ହେଉଛି। ଏସ୍‌ସିବି କର୍ମଚାରୀଙ୍କ ସଲାସୁତୁରାରେ ଚାଲିଥିବା ଏହି ରୋଗୀ ଚାଲାଣ ଘଟଣା ପୋଲିସ ତଦନ୍ତରୁ ଜଣାପଡ଼ିଥିଲେ ହେଁ କଠୋର କାର୍ଯ୍ୟାନୁଷ୍ଠାନ ଅଭାବରୁ ସେମାନଙ୍କ କାରନାମା ବୃଦ୍ଧି ପାଉଛି। ରାଜ୍ୟ ସରକାରଙ୍କ ଦ୍ୱାରା କୋଟି କୋଟି ଟଙ୍କା ବିନିମୟରେ ବଡ଼ ମେଡ଼ିକାଲର ନବୀକରଣ କରାଯାଉଛି ମାତ୍ର ଦଲାଲଙ୍କ ସକ୍ରିୟତା ହେତୁ ଏହି ମେଡ଼ିକାଲ ସବୁବେଳେ ବିବାଦ ଘେରରେ ରହିଛି। ଏପର୍ଯ୍ୟନ୍ତ ଏସ୍‌ବିବି ପରିସରରୁ ୭୦ରୁ ଅଧିକ ଦଲାଲ ଗିରଫ ହୋଇସାରିଲେଣି। ଏମାନଙ୍କ ମଧରେ ମେଡ଼ିକାଲର କର୍ମଚାରୀ ମଧ ଅଛନ୍ତି। ତେବେ ଦଲାଲ ଦମନପାଇଁ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ସହଯୋଗରେ କମିଶନରେଟ ପୋଲିସ ଅଭିଯାନ ଜାରି ରଖିଛି। ମଙ୍ଗଳାବାଗ ଥାନା ପୋଲିସର ଏକ ସ୍ୱତନ୍ତ୍ର ଦଳ ମଧ ମେଡ଼ିକାଲରେ ମୁତୟନ ରହିଛି। ତେବେ ବି ସଂପୂର୍ଣ୍ଣ ଭାବେ ମେଡ଼ିକାଲ ଦଲାଲମୁକ୍ତ ହୋଇପାରୁନି। ଗୀତ ସପ୍ତାହରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଜଣେ ରୋଗୀଙ୍କୁ କାଜୁଆଲିଟିରୁ ଦଲାଲମାନେ କଟକର ଏକ ଘରୋଇ ହସ୍ପିଟାଲକୁ ନେଇଯାଇଥିଲେ। ସେଠାରେ ମାତ୍ର ୨୦ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ହେଲେ ପରେ ୪ ଲକ୍ଷଟଙ୍କା ଉକ୍ତ ନର୍ସିଂହୋମ ପକ୍ଷରୁ ଦାବି କରାଯିବାରୁ ରୋଗୀଙ୍କ ପରିବାର ଲୋକେ ଗାଁରେ ଥିବା ୧୮ ଗୁଣ୍ଠ ଜମି ବିକି ପଇଠ କରିଥିଲେ। ଏହି ରୋଗୀ ଜଣକ ଜଗତସିଂହପୁର ଜିଲ୍ଲା ଏରସମାର ଆଦିତ୍ୟ ଦାସ (୨୮)। ସେ ବିଷ ପିଇ ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାକୁ ଆସିଥିଲେ। ପ୍ରକାଶ ଯେ, ମେଡ଼ିକାଲରୁ ଦଲାଲମାନଙ୍କୁ ଖୋଜି ବାହାର କରିବାପାଇଁ ପୂର୍ବତନ ଡିସିପି ସଂଜୀବ ଆରୋରାଙ୍କ କାର୍ଯ୍ୟକାଳ ସମୟରୁ ଏକ ଅଭିଯାନ ଆରମ୍ଭ ହୋଇଛି। ମଙ୍ଗଳାବାଗ ଥାନା ପୋଲିସ ଅନେକ ଦଲାଲଙ୍କୁ ଗିରଫ କରିଛି। ହେଲେ ଆଜିଯାଏଁ ଏସସିବିକୁ ସଂପୂର୍ଣ୍ଣଭାବେ ଦଲାଲମୁକ୍ତ କରି ନ ପାରିବା ଅତ୍ୟ ପରିତାପର ବିଷୟ। ଯେଉଁଥିପାଇଁ ଦୂରାଦୂରାରୁ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବା ପାଇଁ ଏସ୍‌ସିବିକୁ ଆସୁଥିବା ରୋଗୀ ଦଲାଲଙ୍କୁ ହାବୁଡ଼ରେ ପଡ଼ି ଘରୋଇ ନର୍ସିଂହୋମଗୁଡ଼ିକର ଶୋଷଣର ଶିକାର ହେଉଛନ୍ତି।




# ବିଜୁ ଛାତ୍ର ଜନତାର ନିର୍ବାଚନ ପ୍ରସ୍ତୁତି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦେଶ କ୍ରମେ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଅଧକ୍ଷତାରେ ଆଭାସୀ ମାଧମରେ ଆଗମୀ ତ୍ରିସ୍ତରୀୟ ଫଂଚୟତ ନିର୍ବାଚନ ପରିପ୍ରେକ୍ଷୀର ଏକ ପ୍ରସ୍ତୁତି ବୈଠକ ଗୁରୁବାର ଆୟୋଜନ କରାଯାଇଥିଲ। ମୁଖ୍ୟମନ୍ତ୍ରୀଙ୍କ ଓଡିଶା ବିକାଶର କାର୍ଯ୍ୟଧାରାକୁ ଫଂଚାୟତ ସ୍ତରରେ ପହଂଚାଇବା ସହ ଆଗାମୀ ଫଂଚାୟତ ନିର୍ବାଚନ ରେ ବିଜୁ ଜନତା ଦଳ ସପକ୍ଷରେ କିପରି ବିପୁଳ ଜନମତ ଆସିବା ସେହି ଦିଗରେ କାର୍ଯ୍ୟକରିବା ନିମନ୍ତେ ଏହି ବୈଠକରେ ଆଲୋଚନା କରାଯିବା ସହ ପରାମର୍ଶ ଦିଆଯାଇଥିଲା ଏହି ପରିପ୍ରେକ୍ଷୀରେ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ (ଯୁବ ଓ ଛାତ୍ର ବ୍ୟାପାର) ପ୍ରଣବ ବଳବନ୍ତରାୟ ,ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ଆଭାସୀ ମାଧମରେ ଯୋଡି ହୋଇ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରେ ବିଜୁ ଛାତ୍ର ଜନତା ଦଳର ସମସ୍ତ ଜିଲ୍ଲା ସଭାପତି , ରାଜ୍ୟ କର୍ମକର୍ତ୍ତା ଓ ସମସ୍ତ ବ୍ଲକ୍, ମୁନସିପାଲଟି ଏବଂ ଏନ୍‌ଏସି ସଭାପତି ମଧ ଉପସ୍ଥିତ ଥିଲେ। ଏହି ଅବସରରେରେ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ଶ୍ରୀ ଦାସ ନିଜ ପ୍ରତିକ୍ରୟାରେ କହିଥିଲେ ବିଜୁ ଛାତ୍ର ଜନତା ପ୍ରତେକ କର୍ମୀ ମୁଖମନ୍ତ୍ରୀ ନେତୃତ୍ୱରେ ସଶକ୍ତ ଓ ଆଧୁନିକ ଓଡିଶା ଗଠନ କରିବା ଦିଗରେ ସଦା ସର୍ବଦା କର୍ଯ୍ୟକରିବା ତତ୍ ସହିତ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ବଳବନ୍ତରାୟ ନିଜ ଅଭିଭାଷଣରେ ଉଲେଖ କରିଥିଲେ ଯେ ଆଗାମୀ ଫଂଚାୟତ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳ ପ୍ରତେକ କର୍ମୀ ବିଜୁ ଜନତା ଦଳର ସମସ୍ତ ପାର୍ଥୀ ନିମନ୍ତେ ଡିଜିଟାଲ ପ୍ରଚାର ଅଭିମାନ ମାଧମରେ ମୁଖ୍ୟ ପୁରୋଧା ସାଜିବେ ଏହା ସହ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଆଗାମୀ ତ୍ରିସ୍ତରୀୟ ଫଂଚାୟତ ନିର୍ବାଚନ ରେ ବିଜୁ ଜନତା ଦଳର ପ୍ରତେକ କର୍ମୀ ମୁଖ୍ୟମନ୍ତ୍ରୀ ଙ୍କ ସମସ୍ତ ଲୋକାଭିମୁଖ୍ୟ କାର୍ଯ୍ୟକ୍ରମ ଏବଂ ବାର୍ତ୍ତାକୁ ତୃଣମୂଳ ସ୍ତରରେ ପହଂଚାଇବା ସହ ଫଂଚାୟତ ନିର୍ବାଚନ ରେ ବିଜୁ ଜନତା ଦଳର ସମସ୍ତ ପାର୍ଥୀ ନିମନ୍ତେ ଡିଜିଟାଲ ଡିଜିଟାଲ ପ୍ରଚାର ଅଭିଯାନର ପ୍ରମୁଖ ଭୂମିକା ଗ୍ରହଣ କରିବେ।

# ଜୁଏଲ ଓରାମଙ୍କୁ ଗିରଫ ଦାବି କଲେ ଗୌରୀ ମୁଣ୍ଡାରୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ବିରୋଧରେ ମହିଳା କମିଶନରେ ଅଭିଯୋଗ କରିଛନ୍ତି ଗୌରୀ ମୁଣ୍ଡାରୀ ଜୁଏଲ ଓରାମଙ୍କୁ କରିବାକୁ ସେ ଦାବି କରିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତାଙ୍କୁ ଫୋନରେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିବା ଯୁବତୀ ଅଭିଯୋଗ କରିଛନ୍ତି। ସୁନ୍ଦରଗଡ ବିଶ୍ରା ବ୍ଲକ୍ ଜାମସେରା ଗୌରୀ ମୁଣ୍ଡାରୀ ଫଂଚାୟତ ନିର୍ବାଚନ ନେଇ ଜୁଏଲ ଓରାମଙ୍କୁ ଭେଟିବାକୁ ଚାହିଁଥିଲେ। ଏନେଇ ସେ ଜୁଏଲଙ୍କୁ ଫୋନରେ ଯୋଗାଯୋଗ କରିଥିଲେ। ପଞ୍ଚାୟତ ନିର୍ବାଚନରେ ଜଣେ ପ୍ରାର୍ଥୀଙ୍କ ବାବଦରେ ଜୁଏଲଙ୍କ ସହ କଥା ହେବା ପାଇଁ ଚାହିଁଥିଲେ। ତେବେ ଫୋନରେ ଜୁଏଲ ଓରାମ ଗାଳିଗୁଲଜ କରିଥିବା ଅଭିଯୋଗ କରିଛନ୍ତି ଗୌରୀ ମୁଣ୍ଡାରୀ। ଏହି ସମୟରେ ସେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିବା ଗୌରୀ କହିଛନ୍ତି। ତେବେ ଏହି ଘଟଣ ପରେ ସେ ବିଜେପି ଅଫିସରେ ପଶି ଭଙ୍ଗାରୁଜା କରିଥିଲେ। ଦଳ ପକ୍ଷରୁ ମଧ ତାଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା




# ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେଡିକୁ ଝଟକା

## ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ମୃତ୍ୟୁ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏକ ଦୁଃଖ ଖବର ଆସିଛି। ବିଜୁ ଜନତା ଦଳ(ବିଜେଡି)ର ଜଣେ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ପରଲୋକ ଘଟିଛି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଜେଡି ପ୍ରାର୍ଥୀ ଅନାଦି ଚରଣ ସିଂହଙ୍କ ମୃତ୍ୟୁ ଘଟିଛି। ଜିଲ୍ଲା ପରିଷଦ ଜୋନ୍ ନମ୍ବର ୮ରେ ଅନାଦି ବିଜେଡି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ।

ସ୍ୱାସ୍ଥ୍ୟରେ ଅବନତି ଦେଖାଦେବା କାରଣରୁ ତାଙ୍କୁ ଗତକାଲି ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ତେବେ ଆଜି ନିର୍ବାଚନ ପୂର୍ବରୁ କେବଳ ବିଜେଡିକୁ ପୁନଃ ନାମାଙ୍କନ ପାଇଁ ସୁଯୋଗ ମିଳିବା ପରେ ରାଜ୍ୟ ନିର୍ବାଚନ କମିଶନ ଯାହା କିଛି ନିଷ୍ପତ୍ତି ନେବେ ବୋଲି କୁହାଯାଉଛି। ଅନାଦିଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ଅନେକ ରାଜନୈତିକ ବ୍ୟକ୍ତି ବିଶେଷ ଶୋକବ୍ୟକ୍ତ କରିଛନ୍ତି।

ପଞ୍ଚାୟତ ନିର୍ବାଚନ ପାଇଁ ଗତ ୧୭ ତାରିଖରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୧୭ରୁ ୨୧ ପର୍ଯ୍ୟନ୍ତ ୱାର୍ଡ ସଭ୍ୟଙ୍କଠାରୁ ଆରମ୍ଭ କରି ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଚଳିତ ବର୍ଷ ୫ଟି ପର୍ଯ୍ୟାୟରେ ପଞ୍ଚାୟତ ନିର୍ବାଚନ ହେବାକୁ ଥିବା ବେଳେ ଆସନ୍ତା ମାସ ୧୬ରେ ପ୍ରଥମ ପର୍ଯ୍ୟାୟ ଭୋଟ ଓ ୧୮ରେ ଦ୍ୱିତୀୟ ପର୍ଯ୍ୟାୟରେ ପଞ୍ଚାୟତ ନିର୍ବଚନ କରିଥିଲେ। ଚଳିତ ବର୍ଷ ୫ଟି ପର୍ଯ୍ୟାୟରେ ପଞ୍ଚାୟତ ନିର୍ବାଚନ ହେବାକୁ ଥିବାବେଳେ ଆସନ୍ତା ମାସ ୧୬ରେ ପ୍ରଥମ ପର୍ଯ୍ୟାୟ ଭୋଟ ଓ ୧୮ରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ହେବ। ସେହିପରି ୨୫, ୨୭ ଓ ୨୮ରେ ଭୋଟ ଗଣତି ହେବା ସହ ସକାଳ ୭ରୁ ଦିନ ୧ଟା ପର୍ଯ୍ୟନ୍ତ ମତଦାନ ଜାରି ରହିବ। ଚଳିତ ବର୍ଷ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ପ୍ରାର୍ଥୀମାନେ ଭର୍ଚୁଆଲ୍ ଓ ଡିଜିଟାଲ ପ୍ଲାଟଫର୍ମରେ ପ୍ରଚାର କରିବେ ବୋଲି ଗାଇଡ୍‌ଲାଇନ୍‌ରେ କୁହାଯାଇଛି।

# ବକ୍ସି ଜଗବନ୍ଧୁଙ୍କୁ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡ଼ିଶାର ଶେଷ ସ୍ୱାଧୀନତା ବଜାୟ ରଖିବା ପାଇଁ ଉତ୍କଳଜନନୀର ଯେଉଁ କେତେଜଣ ବୀର ସୁଯୋଗ୍ୟ ସନ୍ତାନ ଇଂରେଜମାନଙ୍କ ସହ ସଂଗ୍ରାମ କରିଥିଲେ, ସେମାନଙ୍କ ମଧ୍ୟରୁ ଖୋର୍ଦ୍ଧାର ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଅନ୍ୟତମ। ପାଇକ ବିଦ୍ରୋହର ମୁଖ୍ୟ କର୍ଣ୍ଣଧାର ଥିଲେ ବିପ୍ଲବୀ ବକ୍ସି ଜଗବନ୍ଧୁ। ବକ୍ସି ଜଗବନ୍ଧୁଙ୍କର ବଳିଷ୍ଠ ନେତୃତ୍ୱ, ଅସୀମ ତ୍ୟାଗ, ବୀରତ୍ୱ, ଦେଶପ୍ରେମ ତଥା ଆତ୍ମୋତ୍ସର୍ଗ ଓଡ଼ିଶା ଇତିହାସର ଏକ ଗୌରବପୂର୍ଣ୍ଣ ରକ୍ତରଞ୍ଜିତ ଅଧ୍ୟାୟ। ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଇଂରେଜମାନଙ୍କ ଅନ୍ୟାୟ ନୀତି ଓ ନିର୍ଯାତନା ବିରୁଦ୍ଧରେ ପାଇକମାନେ ବିଦ୍ରୋହ କରିଥିଲେ। ପାଇକ ବିଦ୍ରୋହ ଇଂରେଜ କର୍ତ୍ତୃପକ୍ଷଙ୍କୁ ବିବ୍ରତ ଓ ବିଚଳିତ କରିଦେଇଥିଲା। ପରିସ୍ଥିତିର ଚାପରେ ଶେଷରେ ବକ୍ସି ଜଗବନ୍ଧୁ ଇଂରେଜମାନଙ୍କ ଦ୍ୱାରା ଗୃହବନ୍ଦୀ ହୋଇ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସେହି କର୍ମବୀର ସର୍ବଦା ଆମର ପ୍ରାତଃସ୍ମରଣୀୟ ହୋଇରହିଥିବେ।


ଭୁବନେଶ୍ୱରସ୍ଥିତ ମ୍ୟୁଜିୟମ୍ ଛକଠାରେ ବକ୍ସି ଜଗବନ୍ଧୁଙ୍କ ସ୍ମୃତିକୁ ସ୍ମରଣ କରି ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଭାଗୀୟ ନିର୍ଦ୍ଦେଶକ(ବୈଷୟିକ) ନିରଞ୍ଜନ ସେଠୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଭାଗ ତରଫରୁ ପ୍ରତିମୂର୍ତ୍ତି ସ୍ଥଳକୁ ସଜ୍ଜିତ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ମାନସ ରଞ୍ଜନ ଖୁଣ୍ଟିଆ, ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଏବଂ ବହୁ ବିଭାଗୀୟ ଅଧିକାରୀମାନେ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ କୋଭିଡ୍ ମାର୍ଗଦର୍ଶିକା ଆଧାରରେ ଅନୁଷ୍ଠିତ ହୋଇଥିଲା।



# ଫେବୃୟାରୀ ୨୭ରେ ଶିଶୁଙ୍କୁ ଦିଆଯିବ ପୋଲିଓ ବୁନ୍ଦା

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଫେବୃୟାରୀ ୨୭ରେ ଶୂନରୁ ୫ବର୍ଷର ଶିଶୁଙ୍କୁ ପଲ୍ସ ପୋଲିଓ ବୁନ୍ଦା ଟୀକାକରଣ ନେଇ ସହର ଟ୍ୟାକ୍ସ ଫୋର୍ସ ବୈଠକ ଗତ ୨୫ ତାରିଖରେ ଭୁବନେଶ୍ୱର ମହାନଗର ନିଗମ କମିଶନର ସଂଜୟ କୁମାର ସିଂଙ୍କ ଅଧକ୍ଷତାରେ ଆଭାସୀ ମାଧମରେ ଅନୁଷ୍ଠିତ ହୋଇଯାଇଛି। ସହରରେ ଶତ ପ୍ରତିଶତ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବା ନିଶ୍ଚିତ କରାଯିବାକୁ କମିଶନର ଶ୍ରୀ ସିଂ ସଂପୃକ୍ତ ସମସ୍ତ ପଦାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସଂପୃକ୍ତ ସହଯୋଗୀ କାର୍ଯ୍ୟାଳୟ ଓ ଅନୁଷ୍ଠାନର ସହଯୋଗ କାମନା କରିଛନ୍ତି। ଚିହ୍ନଟ ହୋଇଥିବା ସହରର ୯୦,୪୨୫ଜଣ ଶିଶୁଙ୍କୁ ଟିକା କରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତେବେ ବର୍ତ୍ତମାନ ଭୁବନେଶ୍ୱର ମହାନଗର ନିଗମରେ ନୂତନ ଭାବେ ଅନ୍ତର୍ଭୁକ୍ତ ହୋଇଥିବା ସହରର ୯୦,୪୨୫ଜଣ ଶିଶୁଙ୍କୁ ଟିକାକରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତେବେ ବର୍ତ୍ତମାନ ଭୁବନେସ୍ୱର ମହାନଗର ନିଗମରେ ନୂତନ ଭାବେ ଅନ୍ତର୍ଭୁକତ ହୋଇଥିବା ସମସ୍ତ ଅଞ୍ଚଳର ଯେପରି କୌଣସି ଶିଶୁ ପୋଲିଓ ବୁନ୍ଦା ନେବାରୁ ବାଦ୍ ନପଡନ୍ତି, ସେଥିପ୍ରତି ଦୃଷ୍ଟି ଦେବାକୁ ଶ୍ରୀ ସିଂ ପରାମର୍ଶ ଦେଇଛନ୍ତି। ଏଥିପାଇଁ ସେମାନଙ୍କ ନିମନ୍ତେ ପୋଲିଓ ବୁନ୍ଦା ନେବା ପାଇଁ ବ୍ୟବସ୍ଥା ଗ୍ରହଣ ଓ ବୁଥ୍ ଚିହ୍ନଟ ପାଇଁ ପ୍ରସ୍ତୁତି କରିବାକୁ ସେ ଆବଶ୍ୟକ ପରାମର୍ଶ ଦେଇଛନ୍ତି।

ସହରରେ ୨୫୦ଟି ବୁଥ୍ ମାଧମରେ ଏହି ପୋଲିଓ ବୁନ୍ଦା ଟୀକାକରଣ କରାଯିବ। ଫେବୃୟାରୀ ୨୭ରେ ସମସ୍ତ ବୁଥ୍‌ରେ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବ। କୌଣସି କାରଣରୁ ଏହି ଦିନ ଶିଶୁ ପୋଲିଓ ବୁନ୍ଦା ନ ନେଇପାରିଲେ, ଫେବୃୟାରୀ ୨୮ ଓ ମାର୍ଚ୍ଚ ୧ ତାରିଖରେ ଉକ୍ତ ଶିଶୁଙ୍କ ଘରକୁ ଘର ବୁଲି ଟୀକାକରଣ କରାଯିବ। କୋଭିଡ୍ କଟକଣା ଅନୁପାଳନ କରାଯାଇ ଏହି କାର୍ଯ୍ୟକ୍ରମ ହେବ।



# ପୁରୀରେ ୭୨ କୋଟିର ବସ୍‌ଷ୍ଟାଣ୍ଡ ଭିତ୍ତିଭୂମି ଭୁଷୁଡିଗଲାଣି

**ପୁରୀ(ସଂପର୍କବାର୍ତ୍ତା):-** ନବକଳେବର ବେଳେ ପର୍ଯ୍ୟଟନ ସହର ପୁରୀର କଳେବର ବଦଳିଥିଲା ୨୦୧୫ରେ ୭୨କୋଟି ଟଙ୍କା ବ୍ୟୟରେ ମାଳତୀପାଟପୁରରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହେଲା ଅଥଚ ଯେଉଁ ଉଦ୍ଦେଶ୍ୟ ନେଇ ଏତେ ବଡ ପରିକଳ୍ପନା

## ସଞ୍ଜ ନଇଁଲେ ଜମୁଛି ନିଶାଡିଙ୍କ ଆଡା

କରାଗଲା ତାହା ସାଧିତ ହେଲା ନାହିଁ। ପ୍ରକଳ୍ପ ରୂପାୟନ କରିଥିବା ଅଧିକାରୀ ଓ ବସ୍ ମାଲିକମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ କୋଟିକୋଟି ଟଙ୍କାର ପ୍ରକଳ୍ପ ଅଲୋଡା ହୋଇଯାଇଛି। ଯାତ୍ରୀବାହୀ ବସ୍ ଚଳାଚଳ କରିବା ପରିବର୍ତ୍ତେ ଏବେ ଏହ କେବଳ ପର୍ଯ୍ୟଟକଙ୍କୁ ଆଣୁଥିବା ବସ୍‌ଗୁଡିକର ରହଣିସ୍ଥଳ ପାଲଟିଛି। ଅଦୂରଦର୍ଶୀ ଯୋଜନା ଯୋଗୁ କୋଟିକୋଟି ଟଙ୍କାର ରାଜସ୍ୱ ପାଣିରେ ପଡିଛି ବୋଲି ସଚେତନ ନାଗରିକମାନେ ଅଭିଯୋଗ କରିଛନ୍ତି। ପୁରୀ ଭଳି ବାତ୍ୟା ପ୍ରବଣ ଅଂଚଳରେ ଏହା ନିର୍ମିତ ହୋଇଥିଲେ ହେଁ ଟିଣ ଛାତ ପକାଯାଇଛି। ପ୍ରତିଥର ବଡ ବାତ୍ୟା ଆସିଲେ ଏଥିପାଇଁ ପୁଣି କୋଟିକୋଟି ଟଙ୍କାର ଅର୍ଥ ବରାଦ କରି ବାଟମାରଣା କରିବା ପାଇଁ ମସୁଧା ଖଞ୍ଜିଦିଆଯାଇଛି। ୨୦୧୯ଫନି ବାତ୍ୟାରେ ଛିନଭିନ୍ ହୋଇଯାଇଥିବା ବସ୍‌ଷ୍ଟାଣ୍ଡର ଅବସ୍ଥା ହିଁ ଏହାର ପ୍ରକୃଷ୍ଟ ଉଦାହରଣ। ଏହା ମଧ୍ୟରେ ୫ଶହ ବସ୍ ହୋଇଥିବା ବେଳେ ଯାତ୍ରୀ ବିଶ୍ରାମ ନେବା ପାଇଁ ବ୍ୟବସ୍ଥା ହୋଇଛି ଆଇଆଇଟି ରୁର୍କି ପକ୍ଷରୁ ଏହାର ଡିଜାଇନ୍ ପ୍ରସ୍ତୁତ କରାଯାଇଥିବାରୁ ପ୍ରକଳ୍ପ ବାହାରକୁ ଚକ୍‌ଚକ୍ ଦେଖାଯାଉଛି। କିନ୍ତୁ ଏହା ମଧ୍ୟରେ ଥିବା





ଶୌଚାଳୟ ଭାଙ୍ଗିରୁଜି ଯାଇଥିଲେ ବି ଏଗୁଡିକ ସଜଡା ଯାଉନାହିଁ। ପାନୀୟ ଜଳ ଟାଙ୍କିଗୁଡିକ ବର୍ଷବର୍ଷ ହେଲା ସଫା ହୋଇନାହିଁ। କେବଳ ଯେଉଁ ଟୁରିଷ୍ଟ ଗାଡିଗୁଡିକ ଆସୁଛି ସେମାନଙ୍କ ଠାରୁ ୨ଶହ ଟଙ୍କା ଅସୁଲ କରାଯାଉଛି ,କିନ୍ତୁ ଏହା ମଧ୍ୟରେ ପର୍ଯ୍ୟଟକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାର ବନ୍ଦୋବସ୍ତ ହେଉନାହିଁ। ସଞ୍ଜ ନଇଁଲେ ନିଶାଡିଙ୍କ ଆଡା ପାଲଟୁଛି ଚୋରି ବଢିବାରେ ଲାଗିଛି। ୫୦ଟି ସିସିଟିଭି ଲାଗିଥିଲେ ବି ସେଥିମଧ୍ୟରୁ ଅଧିକାଂଶ କାମ କରୁନାହିଁ କାରୁକାର୍ଯ୍ୟପୂର୍ଣ୍ଣ ଚିତ୍ରକଳା ସ୍ଥାନୀତ ହୋଇଥିଲେ ହେଁ ତାହା ଲିଭିଯିବାକୁ ବସିଲାଣି। ଏଣେ ମଧୁର ଜଳ ଜୋନ୍ ତାଳବଣିଆରେ ରହୁଥିବା ଟୁରିଷ୍ଟ ବସ୍‌ଗୁଡିକ ନରଖିବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ପରେ ଏହି ବସ୍‌ଗୁଡିକୁ ସେଠାକୁ ସ୍ଥାନାନ୍ତର କରାଯାଇଥିଲା ଦୀର୍ଘଦିନ ଅଲୋଡା ହୋଇପଡି ରହିଥିବା ବେଳେ ବିଲେଇ କପାଳକୁ ସିକା ଛିଣ୍ଡିବା ଭଳି ଏହାକୁ ଏବେ ବ୍ୟବହାର ସିନା କରାଯାଉଛି, କିନ୍ତୁ ପ୍ରକୃତ ଉଦ୍ଦେଶ୍ୟ ଆଜି ପର୍ଯ୍ୟନ୍ତ ହୋଇପାରୁନାହିଁ। ଏନେଇ ପୁରୀ ଘରୋଇ ବସ୍ ମାଲିକ ସଂଘର ସଦସ୍ୟ ରାଜବଲ୍ଲଭ ମିଶ୍ର କହିଛନ୍ତି, ସହରଠୁ ୬କିଲୋମଟର ଦୂରରେ ଏଭଳି ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଥିଲେ ସୁଦ୍ଧା ସେତେବେଳେ ବସ୍ ମାଲିକଙ୍କ ସହ ଆଲୋଚନା ବି କରାଗଲା ନାହିଁ। ଅନ୍ୟପକ୍ଷରେ ଶେଷ ବସ୍ ରାତି ୧୧ଟାରେ ଆସୁଥିବା ବେଳେ ସେଥିରେ ମାତ୍ର୮/୧୦ଜଣ ଯାତ୍ରୀ ଆସନ୍ତି। ରାତି ୪ଟାରୁ ବସ୍ ଆତଯାତ ହୁଏ । ଏଭଳି ସ୍ଥଳେ ଯାତ୍ରୀମାନେ ଏ ସମୟରେ ସେଠାକୁ ଯିବା ପାଇଁ ପ୍ରସ୍ତୁତ ନୁହନ୍ତି। ତେଣୁ ଏହାକୁ ବିରୋଧ କରିଥିଲୁ। ଏଥିରୁ ସ୍ପଷ୍ଟ ପ୍ରମାଣିତ ଯେ ବହୁମୂଲ୍ୟ ପ୍ରକଳ୍ପ ନିର୍ମାଣ ହୋଇଛି ସିନା, କିନ୍ତୁ ପ୍ରକୃତ ଉଦ୍ଦେଶ୍ୟ ସାଧନଠାରୁ ଏହା ବହୁ ଦୂରରେ।

# ବିଜେପି ଜିଲ୍ଲା ପରିଷଦ ପ୍ରାର୍ଥୀ ଜୋନ୍-୨ର ଲିପିକା ମଲ୍ଲିକ

**ରଘୁନାଥପୁର(ସଂପର୍କବାର୍ତ୍ତା):-** ରଘୁନାଥପୁର ବ୍ଲକର ଜିଲ୍ଲା ପରିଷଦ ଜୋନ ୨ର ବିଜେପି ପ୍ରାର୍ଥୀ ଲିପିକା ମଲ୍ଲିକ ବିଦ୍ୟାଧରପୁର ପଂଚାୟତ ଓ ଛପଡା ପଂଚାୟତର ପ୍ରତ୍ୟେକ ୱାର୍ଡକୁ ଯାଇ ଘରଘର ବୁଲି ଲୋକମାନଙ୍କୁ ଭେଟି ଭୋଟ ଭିକ୍ଷା କରିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଜନକଲ୍ୟାଣ ଯୋଜନା ଗୁଡିକ ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ।



ଏଥିରେ ବିଜେପି ନେତା ପ୍ରଭଂଜନ ମଲ୍ଲିକ, ସୁଶାନ୍ତ ମହାନ୍ତି, ସଚ୍ଚିକାନ୍ତ ବାରିକ, ଅଶୋକ ନାୟକ, ଦିବାକର ସାହୁ, ମାଳବିକା ମଲ୍ଲିକ, କବିତା ମଲ୍ଲିକ, ସୋନାଲ ମଲ୍ଲିକ ପ୍ରମୁଖ ବିଜେପି ପ୍ରାର୍ଥୀଙ୍କ ସହିତ ଘରଘର ବୁଲି ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଗ୍ରାମବାସୀଙ୍କୁ ନିବେଦନ କରିଥିଲେ।


## ପାଠ କରିନଥିବାରୁ ନିସ୍ତୁକ ମାଡ ମାରିଲେ ଟ୍ୟୁସନ୍ ସାର୍

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଟ୍ୟୁସନରେ ପାଠ କରିନଥିବାରୁ ନିସ୍ତୁକ ମାଡ ଅଭିଯୋଗ। ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ମାଡ ମରାଯାଇଥିବା ନେଇ ଥାନାରେ ଅଭିଯୋଗୀ କରିଛନ୍ତି ପରିବାର ଲୋକେ। ଆହତ ଛାତ୍ର ହେଲେ ଭୁବନେଶ୍ୱର ଡୁମୁଡୁମା ଅଂଚଳର ଏସ.କେ ରେହନ। ସେ ଏକ ଘରୋଇ ଟ୍ୟୁଟୋରିଆଲରେ ଟ୍ୟୁସନ ହୁଅନ୍ତି। ତେବେ ସେହି ଟ୍ୟୁଟୋରିଆଲର ଶିକ୍ଷକ ଏସ.କେ.କସିମ ଛାତ୍ରଙ୍କୁ ମାଡ ମାରିଥିବା ନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଛ। ଛାତ୍ର ଜଣଙ୍କ ପାଠ କରିନଥିବାରୁ ମାଡ ମାରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି।




# କଟକ-୫ ନଂ ଜୋନ୍‌ରେ ତ୍ରିମୁଖୀ ଲଢ଼େଇ

**କଟକ(ସଂପର୍କବାର୍ତ୍ତା):-** କଟକ ସଦର ବ୍ଲକ ଅଧୀନରେ ମୋଟ ୪ଟି ଜିଲ୍ଲା ପରିଷଦ ଜୋନ ମଧ୍ୟରୁ ୫ ନମ୍ବର ଜୋନ୍‌ଟି ୬ଟି ପଞ୍ଚାୟତ କନ୍ଦରପୁର, ଫକିରପଡ଼ା, ଆୟତପୁର, ନିମେଇଶାପୁର, ପରମହଂସ ଓ ଗତିରାଉତପାଟଣାକୁ ନେଇ ଗଠିତ। ଏହି ଜୋନ୍‌ରେ ପୁରୁଷ ଭୋଟର ସଂଖ୍ୟା ୧୬୩୧୪ ହୋଇଥିବାବେଳେ ମହିଳା ଭୋଟର ୧୫୧୬୦ ଜଣ ଓ ତୃତୀୟ ଲିଙ୍ଗ ଜଣକୁ ମିଶାଇ ମୋଟ ୩୧୪୭୫ ଜଣ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ବିଜୁ ଜନତା ଦଳ ଗଠନ ହେବାପରେ ଗତ ୪ଟି ନିର୍ବାଚନକୁ ଲକ୍ଷ୍ୟକଲେ ଏହି ଜୋନରେ ୨୦୦୨ରେ କଂଗ୍ରେସରୁ ମାନସ ରଞ୍ଜନ ପ୍ରଧାନ ବିଜୟ ଲାଭ କରିଥିବାବେଳେ ୨୦୦୭ରେ ବିଜେଡ଼ିର ରଜନୀକାନ୍ତ ସାହୁ, ୨୦୧୨ରେ ବିଜେପିର ହୃଷୀକେଶ ଜେନା ବିଜୟ ଲାଭ କରିଥିଲେ। ୨୦୧୭ରୁ ବିଜେଡ଼ିର ଶ୍ରୀମତୀ ଝିନୁ ବେହେରା ପ୍ରତିନିଧିତ୍ୱ କରୁଥିଲେ। ଚଳିତ ନିର୍ବାଚନରେ ତିନି ପ୍ରମୁଖ ଦଳର ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ଇତିହାସ କୁହେ ଯେ ଏହି ଜୋନ୍‌ରେ କୌଣସି ଦଳ ଲଗାତର ଜିତି ନାହିଁ। ଯଦି ଏହି ନିର୍ବାଚନରେ ବିଜେଡ଼ି ବିଜୟ ଲାଭ କରେ ତା'ହେଲେ ଇତିହାସ ସୃଷ୍ଟି କରିବ। ବିଜେଡ଼ି ପ୍ରାର୍ଥୀ ଭାବେ ଆୟତପୁର ପଞ୍ଚାୟତ ବାସିନ୍ଦା ପ୍ରଦୀପ୍ତ ମାହାଲୀ ନିର୍ବାଚନ ଲଢୁଛନ୍ତି। ସେ ଏହି ଅଞ୍ଚଳରେ ଜଣେ ସମାଜବାଦୀ। ଏହା ବାଦ୍ ଦଳର କିଛି ପ୍ରଭାବଶାଳୀ ନେତା ତଥା ରାଜ୍ୟ ସମ୍ପାଦକ ପ୍ରଫୁଲ ସିଂହ, ଜିଲ୍ଲା ସମ୍ପାଦକ ସମର ବେହେରା, ସଦର ବ୍ଲକ 'ଆମ୍ରା' ଅଧ୍ୟକ୍ଷ ରଜନୀକାନ୍ତ ସାହୁ ପ୍ରମୁଖ ଏହି ଜୋନ୍ ବାସିନ୍ଦା ହୋଇଥିବାବେଳେ ଦଳୀୟ ଟିକଟ ପାଇପାରିନାହାନ୍ତି। କଟକ ସଦରରେ ବିଜେଡ଼ି ବିଧାୟକ ଚନ୍ଦ୍ରସାରଥୀ ବେହେରା ଥିବାବେଳେ



କିପରି ନିର୍ବାଚନ ପରିଚାଳନା କରୁଛନ୍ତି, ତାହା ଦେଖିବାକୁ ଅପେକ୍ଷା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି ତଥା ସୁଶାସନ ଆଧାରରେ ନିର୍ବାଚନରେ ନିଶ୍ଚୟ ବିଜୟ ଲାଭ କରି ଲୋକଙ୍କ ସେବା କରିବାର ସୁଯୋଗ ପାଇବେ ବୋଲି ବିଜେଡ଼ି ପ୍ରାର୍ଥୀ କହିଛନ୍ତି।

ସେହିପରି କଂଗ୍ରେସର ଦଳର ପ୍ରାର୍ଥୀ ରାକେଶ ରଞ୍ଜନ ଭୋଇ ନିମେଇଶାପୁର ପଞ୍ଚାୟତର ବାସିନ୍ଦା ହୋଇଥିବାବେଳେ ସେ ରାଜନୀତିରେ ନୂଆ ମୁହଁ। ଜଣେ ଭଲ ଫୁଟବଲ ଖେଳାଳି ଭାବରେ ସଦର ଅଞ୍ଚଳରେ ବେଶ୍ ଲୋକପ୍ରିୟ। ଏହା ତାଙ୍କ ପାଇଁ ସୁବିଧା ହେବା ସହ ଅନେକ କ୍ରୀଡ଼ା ସଂଗଠନ ଓ ବିଭିନ୍ନ କ୍ଲବ ସହ ଜଡ଼ିତ ହେତୁ ତାଙ୍କୁ ଯୁବଗୋଷ୍ଠୀ ସମର୍ଥନ ମିଳିବା ଆଶା ରହିଛି। ଏହି ଜୋନରେ ସଦର ବ୍ଲକ କଂଗ୍ରେସ ସଭାପତି ପ୍ରତାପ ମଲ୍ଲିକ, କଟକ ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ମାନସ ରଞ୍ଜନ ପ୍ରଧାନ, ବରିଷ୍ଠ ନେତା ଅରକ୍ଷୀତ ଭୋଇ, ତୈଲୋକ୍ୟ ନାଥ ଜେନାଙ୍କ ରାଜନୀତିରେ ଭଲ ପ୍ରଭାବ ରହିଛି। ପ୍ରାର୍ଥୀ ଶ୍ରୀ ଭୋଇ କହିଛନ୍ତି ଯେ, ଏଠାରେ କଂଗ୍ରେସର ପାରମ୍ପରିକ ଭୋଟ ଓ ସମସ୍ତ ଦଳୀୟ ନେତା ଓ କର୍ମୀଙ୍କୁ ନେଇ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇ ବିଜୟ ଲାଭ କରିବେ।

ଅପରପକ୍ଷେ ପରମହଂସ ପଞ୍ଚାୟତ ବାସିନ୍ଦା ନିମାଇଁ ଚରଣ ଦାସଙ୍କୁ ପ୍ରାର୍ଥୀ କରିଛି ବିଜେପି। ସେ ଜଣେ ସ୍ୱେଚ୍ଛାସେବୀ ଭାବରେ ନିଜ ପଞ୍ଚାୟତରେ ପରିଚିତ, ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହି ଜୋନ୍‌ରେ ରାଜ୍ୟ କୃଷକ ମୋର୍ଚ୍ଚାର ଉପସଭାପି ହୃଷୀକେଶ ଜେନା, ବିଜେପି ଜିଲ୍ଲା ଉପସଭାପତି ଗୋକୁଳଚନ୍ଦ୍ର ପ୍ରଧାନ, ମଣ୍ଡଳ ସଭାପତି ଅଭୟ ସ୍ୱାଇଁ, ନିର୍ମଳ ଦାଶ ପ୍ରମୁଖଙ୍କ ଘର। ସଦର ବିଜେପି ନେତା ଦିଲୀପ ମଲ୍ଲିକଙ୍କ ମଧ୍ୟ ଭଲ ଜନସମ୍ପର୍କ ରହିଛି ଅଞ୍ଚଳରେ। ଦଳୀୟ ଟିକେଟରୁ ବଞ୍ଚିତ ହୋଇଥିବା କନ୍ଦରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଯୋଗେନ୍ଦ୍ର ଭୋଇଙ୍କ ଅସନ୍ତୋଷ ଦଳକୁ କ୍ଷତି ପହଞ୍ଚାଇ ପାରେ। ଅନେକ ଅସନ୍ତୁଷ୍ଟ ବିଜେପି କର୍ମୀଙ୍କୁ ମନାଇପାରି, ଏକଜୁଟ୍ ହୋଇ ନିର୍ବାଚନ ଲଢ଼ିଲେ ଭଲ ଫଳାଫଳ ମିଳିପାରିବ ବୋଲି ଆଲୋଚନା ହେଉଛି। ଏ ସମ୍ପର୍କରେ ପ୍ରାର୍ଥୀ ଶ୍ରୀ ଦାସ କହନ୍ତି କି. ଦଳରେ ସମସ୍ତେ ଏକଜୁଟ ହୋଇରହିଛନ୍ତି ଓ ସଦର ନେତା ଶ୍ରୀ ମଲ୍ଲିକଙ୍କ ଲୋକ ସମ୍ପର୍କ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟତାକୁ ପାଥେୟ କରି ଏହି ଅଞ୍ଚଳବାସୀ ତାଙ୍କୁ ନିଶ୍ଚୟ ଜିତାଇବେ।

# ୨୯ ବର୍ଷ ପରେ ମଧ୍ୟ ଚିତ୍ରୋତ୍ପଳା ଦକ୍ଷିଣ ପାର୍ଶ୍ୱ କେନାଲ ଖୋଳା ଅସଂପୂର୍ଣ୍ଣ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଚାଷ ଓ ଚାଷୀର ଉନ୍ନତି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ତାହାର ସୁଫଳ ଚାଷୀମାନେ ପାଇପାରୁ ନଥିବାର ଜ୍ୱଳନ୍ତ ଉଦାହରଣ ମହାନଦୀ ଉତ୍ତର ପାର୍ଶ୍ୱ ଓ ଚିତ୍ରୋତ୍ପଳା ନଦୀର ଦକ୍ଷିଣ ପାର୍ଶ୍ୱ କେନାଲ ଆଜକୁ ୨୯ ବର୍ଷ ହେଲା ମହାନଦୀ ଚିତ୍ରୋତ୍ପଳାର ଦକ୍ଷିଣପାର୍ଶ୍ୱ କେନାଲଟି ଖୋଳା କାର୍ଯ୍ୟ ସରିନଥିବାରୁ ଦ୍ୱୀପାଞ୍ଚଳ ଚାଷୀମାନଙ୍କର ସପ୍ନ ସ୍ୱପ୍ନରେ ରହିଯାଇଅଛି । ପ୍ରକାଶ ଥାଉକି, ୧୯୯୩ ମସିହାର ଏସିଆ ମହାଦେଶର ସର୍ବବୃହତ ସାଇଫନ ସେତୁ ହରିଚନ୍ଦନପୁରଠାରୁ ମହାନଦୀରୁ ବାହାରି ଥିବା ଚିତ୍ରୋତ୍ପଳା ନଦୀର ଦକ୍ଷିଣପାର୍ଶ୍ୱ କେନାଲଟିର ଖୋଳା କାର୍ଯ୍ୟ ପ୍ରାୟ ୨୦୦ କୋଟି ଟଙ୍କା ବିନିମୟରେ ମହାନଦୀ ବ୍ୟାରେଜ ଡିଭିଜନ ଅଧିନରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହି କେନାଲଟି ହରିଚନ୍ଦନପୁର ଠାରୁ ବାହାରି ପାଟକୁରା ପର୍ଯ୍ୟନ୍ତ ଯିବାପାଇଁ ପ୍ଲାନ ଏଷ୍ଟିମେଟ୍ ମଞ୍ଜୁର ହୋଇଥିଲା । କିଶନନଗର ତହସିଲ, ସାଲେପୁର ତହସିଲ, ଗରଦପୁର ତହସିଲ ଓ ପାଟକୁରା, ତିର୍ତ୍ତୋଲ ଅଞ୍ଚଳର ଥିବା ଦ୍ୱୀପାଞ୍ଚଳର ହଜାର ହଜାର ଚାଷୀଙ୍କର ଚାଷଜମିରେ ଜଳସେଚନ ହୋଇପାରୁନଥିବାରୁ ତତ୍‌କାଳୀନ ସରକାର, ଏଥିପାଇଁ ୨୦୦କୋଟି ଟଙ୍କା ଜଳସମ୍ପଦ ବିଭାଗରୁ ମଞ୍ଜୁର କରିଥିଲେ । ସେଥିମଧ୍ୟରୁ ହରିଚନ୍ଦନପୁରରୁ ସାନନୟନପୁର ଠାରୁ ତିର୍ତ୍ତୋଲ ପର୍ଯ୍ୟନ୍ତ ମହାନଦୀର ଦକ୍ଷିଣପାର୍ଶ୍ୱ କେନାଲଟି ଖୋଳାଯାଇ ପାଣି ଛଡାଯାଇଅଛି । ମାତ୍ର ମହାନଦୀର ଉତ୍ତର ପାର୍ଶ୍ୱ କେନାଲ ହରିଚନ୍ଦନପୁର ଠାରୁ ନୟନପୁର ପର୍ଯ୍ୟନ୍ତ ଖୋଳାଯାଇଅଛି



। ଏହି କେନାଲଟି ପାଟକୁରାର ହଳଦିଆ ପର୍ଯ୍ୟନ୍ତ ଯିବା ପାଇଁ ବ୍ୟୟ ଧାର୍ଯ୍ୟ କରାଯାଇଥିଲା । ସେହିପରି ଚିତ୍ରୋତ୍ପଳା ନଦୀର ଦକ୍ଷିଣ ପାର୍ଶ୍ୱ କେନାଲଟି ହରିଚନ୍ଦନପୁରରୁ ଉତ୍ତରକୂଳ ମଣିଜଙ୍ଗ ମହମ୍ମଦପୁର ପର୍ଯ୍ୟନ୍ତ ଖୋଳାଯାଇ ଅର୍ଦ୍ଧନିର୍ମିତ ଅବସ୍ଥାରେ ପକାଇରଖାଯାଇଅଛି । ଏହି କେନାଲଟିର ଅନେକ ସ୍ଥାନରେ ଗ୍ରାମକୁ ସଂଯୋଗୀକରଣ କଲ୍‌ଭର୍ଟ (ପୋଲ) କରାଯାଇନାହିଁ । ଯେଉଁ କେତେକ କଲ୍‌ଭର୍ଟ କେନାଲ ଉପରେ କରାଯାଇଅଛି ସେଥିରୁ ଅଧିକାଂଶ କଲ୍‌ଭର୍ଟର ସଂଯୋଗୀକରଣ ରାସ୍ତା କରାଯାଇନାହିଁ । ଏହି କେନାଲଟି ଅର୍ଦ୍ଧନିର୍ମିତ ଅବସ୍ଥାରେ ଆଜକୁ ୨୯ ବର୍ଷ ହେଲା ପକାଇରଖିବା ଫଳରେ କିଶନନଗର, ମହମ୍ମଦପୁର, ମଣିଜଙ୍ଗ, ତେଣ୍ଡାକୁଡା, ବିଶ୍ୱନାଥପୁର, ଚଷାକୁଣ୍ଡ, ବନ୍ତଳା, ତଳକୁସୁମା, ଉତ୍ତରକୂଳ, ବାବୁଜଙ୍ଗ, ପାଟକୁରା, ସାଲେପୁର ଆଦି ତହସିଲ ଅଞ୍ଚଳର ହଜାର ହଜାର ହେକ୍ଟର ଚାଷଜମି ଜଳ ସେଚିତ ହୋଇନପାରି ଚାଷ ଜମି ପଡିଆ ହୋଇ ପଡିରହିଛି । ଉପରୋକ୍ତ ଅଞ୍ଚଳର ହଜାର ହଜାର ଚାଷୀ ଏହି କେନାଲ ଦୁଇଟି ସଂପୂର୍ଣ୍ଣ ଖୋଳାଯାଇ ସେଥିରେ ପାଣି ଆସି ତାଙ୍କ ଜମିରେ ଜଳସେଚନ ହେବ ଏହି ଆଶାରେ ଆଜକୁ ୨୯ ବର୍ଷ ହେଲା ଚାହିଁ ବସିରହିଥିଲେ ମଧ୍ୟ ସରକାରଙ୍କର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନାହିଁ । ସରକାର କା ମାଲ ଦରିଆମେ ଡାଲ ନ୍ୟାୟରେ ଏହି ବୃହତ୍ତ ପ୍ରକଳ୍ପଟି ଅର୍ଦ୍ଧନିର୍ମିତ ଅବସ୍ଥାରେ ପକାଇ ରଖାଯାଇଛି । ଏହି କେନାଲ ଖୋଳିବା ନିମନ୍ତେ କେତେକ ବ୍ୟକ୍ତି କ୍ଷତିପୂରଣ ନେଇଥିଲେ ମଧ୍ୟ ପୂର୍ବଭଳି ସେମାନେ ତାଙ୍କ ଜମିର ଦଖଲରେ ରହିଅଛନ୍ତି । ମହାନଦୀ ବ୍ୟାରେଜ ଡିଭିଜନ ପକ୍ଷରୁ ଏହି କେନାଲଟିର ଖୋଳାକାର୍ଯ୍ୟ ଶେଷ କରିବା ନିମନ୍ତେ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । କଟକ ଓ କେନ୍ଦ୍ରାପଡା ଜିଲ୍ଲାର ଜଳସେଚନ ନିମନ୍ତେ ଏହା ଏକ ବୃହତ୍ତ ପ୍ରକଳ୍ପ ହୋଇଥିଲେ ମଧ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି । ଏହି କେନାଲରଟି ଯେଉଁପର୍ଯ୍ୟନ୍ତ ଖୋଳାଯାଇଅଛି ସେ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନରେ ଚାଷଜମିକୁ ପାଣି ମାଡିବା ନିମନ୍ତେ ଆବଶ୍ୟକୀୟ ପାଣି ନାଳି ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ଏହି କେନାଲ ପ୍ରକଳ୍ପଟିର କାର୍ଯ୍ୟ ଶେଷ କରି ଉପରୋକ୍ତ ଅଞ୍ଚଳର ସମସ୍ତ ଚାଷ ଜମିକୁ ଜଳ ସେଚନ ସୁବିଧା ତୁରନ୍ତ କରାନଗଲେ ଏ ଅଞ୍ଚଳର ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଜଣାଇଛନ୍ତି ।

# ଓଡିଶା ଗ୍ରାମ୍ୟ ବ୍ୟାଙ୍କ ନୂତନ ଶାଖା ଉଦ୍‌ଘାଟିତ

**ରଘୁନାଥପୁର(ସଂପର୍କବାର୍ତ୍ତା):-** ରଘୁନାଥପୁର ବ୍ଲକ ଅନ୍ତର୍ଗତ ଛପଡା ଙଂଚାୟତର ଜଇପୁର ଛକରେ ଏକ ନୂତନ ଗୃହରେ ଓଡିଶା ଗ୍ରାମ୍ୟ ବ୍ୟାଙ୍କର ଶାଖାକୁ ଓଡିଶା ଗ୍ରାମ୍ୟ ବ୍ୟାଙ୍କର ଅଧ୍ୟକ୍ଷ ମୋହନ ଏମ୍ ଉଦଘାଟନ କରି ଏହି ବ୍ୟାଙ୍କରେ ଲୋକମାନେ ସେମାନଙ୍କର ଜମା ରଖିବା ସହିତ ବିଭିନ୍ନ ପ୍ରକଳ୍ପ ନିମନ୍ତେ ଋଣ ନେଇ ଠିକ ସମୟରେ ଋଣ ପରିଶୋଧ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଓଡିଶା ଗ୍ରାମ୍ୟ ବ୍ୟାଙ୍କର ଜେନେରାଲ ମ୍ୟାନେଜର ଅବ୍‌ଦୁଲ ହାଏ ଯୋଗଦେଇ ମହିଳା ଗୋଷ୍ଠୀ ମାନେ ଏହି ବ୍ୟାଙ୍କରୁ ଋଣ ନେଇ ବ୍ୟବସାୟ କରି ବ୍ୟାଙ୍କକୁ ଋଣ ସୁଝିବା ସହିତ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଓଡିଶା ଗ୍ରାମ୍ୟ ବ୍ୟାଙ୍କର ଆଂଚଳିକ ପ୍ରବନ୍ଧକ ଜତିନ୍ଦ୍ର ନାଥ ଷଡଙ୍ଗୀ ଯୋଗଦେଇ ଏହି ବ୍ୟାଙ୍କ ଏହି ଅଂଚଳର ଲୋକମାନଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେଉଅଛି ବୋଲି କହିଥିଲେ। ଓଡିଶା ଗ୍ରାମ୍ୟ ବ୍ୟାଙ୍କର ଜଇପୁର ଶାଖାର ପ୍ରବନ୍ଧକ ପୂର୍ଣ୍ଣିମା




ପ୍ରିୟଦର୍ଶନୀ, ସୂଚନା ବୈଷୟିକ ଅଧିକାରୀ ଅମରେଶ କୁମାର, ସହ ପ୍ରବନ୍ଧକ ଜିତେନ୍ଦ୍ର ସ୍ୱାଇଁ, ଜ୍ୟୋତିମର୍ୟୀ ବେହେରା, ଜି ଆଶିଷ ପାତ୍ରୋ, ସୁବାଷ ମହାପାତ୍ର, ଚନ୍ଦନ ସେଠୀ, ବିଭିରଂଜନ ସ୍ୱାଇଁ, ମନୋରଂଜନ ଦାସ ପ୍ରମୁଖ ଯୋଗଦେଇଥିଲେ।

# ନିଜକୁ ଅନ୍ୟ ଭିତରେ ଅନୁଭବିତା ହିଁ ଆଧ୍ୟାତ୍ମିକତା:ରାଜ୍ୟପାଳ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ପ୍ରତ୍ୟେକ ମଣିଷ ଈଶ୍ୱରଙ୍କ ଅଂଶବିଶେଷ ଏବଂ ଏହି ଚେତନାର ବ୍ୟାପକ ପ୍ରସାର ହେବା ଦରକାର। ନିଜକୁ ଅନ୍ୟ ଭିତରେ ଅନୁଭବ କରିବା ହିଁ ଆଧ୍ୟାତ୍ମିକତା। ଅନ୍ୟର ସେବାରେ ଯେଉଁ ଆନନ୍ଦ ମିଳେ ତା'ର ବିକଳ୍ପ ନାହିଁ। ଜନତାର ସେବା ହିଁ ଜଗନ୍ନାଥଙ୍କ ସେବା ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି।

ରାଜଭବନରେ ଚାଇଲ୍‌ଡ୍ ଆଣ୍ଡ୍ ଉଇମେନ୍ ଡେଭଲପ୍‌ମେଣ୍ଟ ସୋସାଇଟିର ଲୋଗୋକୁ ଉନ୍ମୋଚନ କରି ରାଜ୍ୟପାଳ ପ୍ରଫେସର ଲାଲ ଲୋକସେବାକୁ ଈଶ୍ୱରଙ୍କ ଶ୍ରେଷ୍ଠ ଅର୍ଚ୍ଚନା ଭାବରେ ଅଭିହିତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଦିବ୍ୟାଙ୍ଗଙ୍କ ଉନ୍ନତିକଳ୍ପେ ସମର୍ପିତ ପ୍ରୋଜେକ୍ଟ ଦେବଦତ୍ତକୁ ଲୋକାର୍ପଣ କରି ରାଜ୍ୟପାଳ ଏଭଳି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ।

ଅନୁଷ୍ଠାନର ମୁଖ୍ୟ ପ୍ରଫେସର କଳ୍ପନା ଦାସ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। ଉତ୍ସବରେ ରାଜଭବନର ଅଧିକାରୀଙ୍କ ସମେତ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।

# ପଟସରାର ସରପଞ୍ଚ ପ୍ରାର୍ଥୀ ପ୍ରମୁଖ ରାଉତ ଭଲ ଯୁବ ନେତା

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ବ୍ଲକ ଅଧିନସ୍ଥ ପଟସରା ଗ୍ରାମପଞ୍ଚାୟତର ଶାସକଦଳ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ପ୍ରମୁଖ ରାଉତ ଓ ସମିତି ସଭ୍ୟା ପ୍ରାର୍ଥିନୀ ସ୍ୱର୍ଣ୍ଣଲତା ପାତ୍ର ପଟସରା ପଞ୍ଚାୟତର ପଟସରା, କୂଳପଟସରା, ଅରଣା ଗ୍ରାମ ସମେତ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ କୋଭିଡ ମାର୍ଗଦର୍ଶିକା ଅନୁପାଳନ କରି ଘରକୁ ଘର ବୁଲି ନିଜ ସପକ୍ଷରେ ଭୋଟ ଦେବା ପାଇଁ ପୁସିଙ୍ଗ କାର୍ଡ ବାଣ୍ଟିବା ସହିତ ଗୁରୁଜନ ମାନଙ୍କର ଆର୍ଶିବାଦ ଭିକ୍ଷା କରିବା ସହ ତାଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟ କରିବାକୁ ନିବେଦନ କରିଥିଲେ। କୋଭିଡ ମାର୍ଗଦର୍ଶିକାକୁ ପାଳନ ପୂର୍ବକ କମ ସମର୍ଥକ ମଧ୍ୟ ତାଙ୍କ ସହିତ ପ୍ରଚାରରେ ସାମିଲ ହୋଇଥିବାର ଦେଖିବାକୁ ମିଳିଥିଲା।



# ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରେ ଶାଗ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଶରୀରର ରୋଗପ୍ରତି ରୋଧକ ଶକ୍ତି କରିବାରେ ପନିପରିବା ମଧ୍ୟରେ ଶାଗର ଭୂମିକା ଗୁରୁତ୍ୱ ପୂର୍ଣ୍ଣ। ଶୀତ ଋତୁରେ ନିଜ ଦୈନନ୍ଦିନ ଖାଦ୍ୟ ତାଲିକାରେ ବିଭିନ୍ନ କିସମର ଶାଗରୁ ସାମିଲ କରନ୍ତୁ

**ମୂଳା ଶାଗ-** ମୂଳା ପତ୍ର ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାର୍ଯ୍ୟ କରେ । ମୂଳା ପତ୍ରରେ ଲୌହ,କ୍ୟାଲସିୟମ୍, ଭିଟାମିନ୍ ସି ଏବଂ ଫସଫରସ୍ ଭରପୂର ମାତ୍ରାରେ ରହିଛି। ଆପଣ ବିଭିନ୍ନ ଉପାୟରେ ମୂଳା ପତ୍ର ଖାଇପାରିବେ। ଏଭଳି ମୂଳା ପତ୍ର ବ୍ୟବହାର କରନ୍ତୁ; ମଧୁମେହ ରୋଗୀମାନେ ସାଲାଡ ଆକାରରେ ମୂଳା ପତ୍ର ଖାଇପାରିବେ। ଏହା ବ୍ୟତୀତ ଖାଲି ପେଟରେ ମୂଳା ପତ୍ରର ରସ ପିଇବା ମଧ ଲାଭଦାୟକ।ମୂଳା ପତ୍ରକୁ ଭାଜି ଅଳ୍ପ ଲୁଣ ପକାଇ ଖାଇପାରିବେ। ପତ୍ର ବ୍ୟତୀତ ମୂଳାକୁ ସାଲାଡ ଆକାରରେ ମଧ ଖାଇ ପାରିବେ। ମଧୁମେହ ରୋଗୀ କାକୁଡି-ମୂଳା ସାଲାଡ୍ କିମ୍ବା ରସ ଆକାରରେ ଖାଇପାରିବେ। ଏହାଦ୍ୱାରା ରକ୍ତରେ ଶର୍କର ସ୍ତର ନିୟନ୍ତ୍ରଣରେ ରହିବ।

**ମେଥି ଶାଗ-** ଏହାକୁ ବିଭିନ୍ନ ଉପାୟରେ ଉପଯୋଗ କରିହେବ। ଏଇ ଶାଗକୁ ଭାଜ ନଚେତ୍ ମେଥି ଶାଗର ରୁଟି ମଧ ପ୍ରସ୍ତୁତ କରି ଖାଇପାରିବେ। ଭିଟାମିନ୍ ସି, ଫାଇବର୍, ପ୍ରୋଟିନ୍, ଲୌହ,ମ୍ୟାଗ୍ନେସିୟମ୍, ଜିଙ୍କ କପର୍ ଫଲିକ୍ ଏସିଡ୍ ଇତ୍ୟାଦି ତତ୍ତ୍ୱମେଥି ଶାଗରେ ମହଜୁଦ୍ ଥିବାବେଳେ



ମଧୁମେହ ରୋଗୀଙ୍କ ପାଇଁ ଏହା ଔଷଧ ଭଳି କାମ କରେ। ପଟେ ସମସ୍ୟା ଉପୁଜୁଥିଲେ କିମ୍ବା ଖାଦ୍ୟ ବଦ୍‌ଜମ ହେଉଥିଲେ ଏଇ ଶାଗ ଖାଇଲେ ଉପଶମ ମିଳୁଥିବାର ବିଶେଷଜ୍ଞଙ୍କ ମତ। ପଞ୍ଜାବରେ ଶୀତଦିନିଆ ମୁଖ୍ୟ ଭୋଜନ ଭାବେ ମକ୍କା ରୁଟି ଓ ସୋରିଷ ସାଗ ଜଣାଯାଏ। ସୁଆଦିଆ ଏଇ ସୋରିଷ ଶାଗ ଆମ ଆଖିର ଜ୍ୟୋତି ବଢାଇବାରେ ସହାୟକ ଭିଟାମିନ୍ ଏ, ବି-୧୨,ସି ଫାଇବାର୍, ଲୌହ ଭରପୂର ସୋରିଷ ଶାଗ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ନିୟମିତ ଏଇ ଶାଗ ଖାଇଲେ ଓଜନ ମଧ ନିୟନ୍ତ୍ରଣରେ ରହୁଥିବାର ଅନୁଧାନରୁ ପ୍ରକାଶ।

**ପାଳଙ୍ଗ ଶାଗ-** ପାଳଙ୍ଗ ଶାଗରେ ଥିବା ପୋଷକ ତତ୍ତ୍ୱ ଶରୀରରେ କୋଷିକା ବା ସେଲ ତିଆରି କରିଥାଏ। ଏଥିରେ ଫାଇବର, ଏଥିରେ ଫାଇବର, ଆଣ୍ଟି ଅକ୍ସିଡାଣ୍ଟ , ଭିଟାମିନ ସି, ଆଇରନ ରହିଛି। ଯାହା ଆମ ଶରୀରକୁ ସୁସ୍ଥ ରଖିଥାଏ। ସବୁ ଋତୁରେ ମିଳୁଥିବା ପାଳଙ୍ଗ ଶାଗ ଶୀତଋତୁରେ ନିୟମିତ ଖାଇବାର ଅଭ୍ୟାସ କରନ୍ତୁ। ଶୀତରେ କେଶଝଡା ସମସ୍ୟା ସବୁଠୁ ଅଧିକ, ପାଳଙ୍ଗ ଶାଗର ପୋଷକତତ୍ତ୍ୱ ଘନତ୍ୱ ବୃଦ୍ଧିରେ ସହାୟକ ହୋଇଥାଏ। ଫାଇବର୍ ପ୍ରୋଟିନ୍ ଭରପୂର ଏହି ଶାଗ ଖାଇଲେ ଶରୀରକୁ ଶକ୍ତି ମଧ ମିଳେ। ଲେଉଟିଆ, ବ୍ରାହ୍ମୀ, ଶୁନଶୁନିଆ ଇତ୍ୟାଦି ଯେ କୌଣସି ପ୍ରକାରର ଶାଗ ଖାଇବା ଆମ ସ୍ୱାସ୍ଥ୍ୟ ପାଇଁ ଭଲ। ବିଶେଷ କରି ଶୀତ ଦିନିଆ ପରିବେଶରେ ଶରୀରକୁ ଏସବୁ ଶାଗ ଆବ୍ୟଶକ ପରିମାଣରେ ଶକ୍ତି ଯୋଗାଇଥାଏ।

# କନ୍ୟା ସନ୍ତାନଙ୍କ ସୁରକ୍ଷା ପାଇଁ ସାମୂହିକ ଉଦ୍ୟମ ଲୋଡା



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଆଜି 'ଜାତୀୟ କନ୍ୟା ସନ୍ତାନ ଦିବସ' ସ୍ଥାନୀୟ ସାନବଜାର ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ 'କନ୍ୟା ସନ୍ତାନଙ୍କ ସୁରକ୍ଷା'-ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ଅଧ୍ୟକ୍ଷତା କରି ପରିଷଦର ସଭାପତି ଅବସରପ୍ରାପ୍ତ ଅଧାପକ ହିମାଂଶୁ ଆର୍ଯ୍ୟ କହିଥିଲେ ଯେ, କୌଣସି ଦେଶର ପ୍ରଗତିରେ କନ୍ୟା ସନ୍ତାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ତେଣୁ ସେମାନଙ୍କ ସୁରକ୍ଷା ପାଇଁ ସାମୂହିକ ଉଦ୍ୟମ ଲୋଡା। ଆଲୋଚକ ଭାବେ ଆଇନଜୀବୀ ଯୋଗଜନ୍ମା ଚାନ୍ଦ ତାଙ୍କ ବକ୍ତବ୍ୟରେ କନ୍ୟା ସନ୍ତାନଙ୍କ ପ୍ରତି ଅବହେଳା ଏକ ସାମାଜିକ ବ୍ୟାଧି ଓ ଏଦିଗରେ ସରକାରୀ ସ୍ତରରେ ନିୟମ କଡାକଡି କରାଗଲେ ଏହାର ସୁଫଳ ମିଳିପାରିବ ବୋଲି ମତ ଦେଇଥିଲେ। ଅନ୍ୟତମ ଆଲୋଚିକା ଭାବେ ବିଦ୍ୟାର୍ଥୀ ସୁନୀତା ପଣ୍ଡା ଆଲୋଚନାରେ ଭାଗ ନେଇ କନ୍ୟା ସନ୍ତାନଙ୍କୁ ରତ୍ନ ବୋଲି ଭାବିବା ପାଇଁ ମାନସିକ ସ୍ତରରେ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ଦାସ, ମଧୁସୂଦନ ଖୁଣ୍ଟିଆ, ବିଶ୍ୱନାଥ ସାହୁ, ଜଗନ୍ନାଥ ସାହୁ, ପ୍ରଦ୍ୟୁମ୍ନ କୁମାର ସାହୁ, ଧନେଶ୍ୱର ବେହେରା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ବିଦ୍ୟାର୍ଥୀ ମଧୁସ୍ମିତା ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଜିଲ୍ଲା ଦଳିତ ବିକାଶ ପରିଷଦ ପକ୍ଷରୁ ମାଲ୍ୟାର୍ପଣ ଓ ସାଧାରଣତନ୍ତ୍ର ଦିବସ ପାଳିତ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ଦଳିତ ବିକାଶ ପରିଷଦ ପକ୍ଷରୁ ମାଲ୍ୟାର୍ପଣ ଓ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଜିଲ୍ଲାଦଳିତ ବିକାଶପରିଷଦର କର୍ମକର୍ତ୍ତା ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡିଆ ଠାରେ ଥିବା ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୁର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଦଳିତ ବିକାଶ ପରିଷଦ ସଭାପତି ଶଙ୍କର ଦାସ,ସମାଜସେବୀ ଲିଙ୍ଗରାଜ ଲେଙ୍କା,ଦଳିତ ବିକାଶ ପରିଷଦର ସଂପାଦକ ଅକ୍ଷୟ କୁମାର ମଲ୍ଲିକ ,ଶିକ୍ଷାବିତ୍ କାଳନ୍ଦୀ ପ୍ରଧାନ,ଅରକ୍ଷିତ ମଲ୍ଲିକ,ସ୍ୱେଚ୍ଛାସେବୀ ଜଗନ୍ନାଥ ବେହେରା ପ୍ରମୁଖ ଯୋଗଦେଇ ସାଧାରଣତନ୍ତ୍ର ଦିବସର ତାତ୍ପର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ।



# ଆଖି ପାଇଁ ସବୁଜ ଟମାଟୋ ଶକ୍ତିଶାଳୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଟମୋଟୋ ବା ବିଲାତି ଶରୀର ପାଇଁ ଅନ୍ୟନ୍ତ ଲାଭଦାୟକ ହୋଇଥାଏ। ଏହା ସାଧାରଣତଃ ଖାଦ୍ୟରେ ବ୍ୟବହୃତ ହୋଇଥାଏ। କିନ୍ତୁ ଆପଣ ଜାଣନ୍ତି କି, ସବୁଜ ଟମାଟୋ ବି ଶରୀର ପାଇଁ ଲାଭଦାୟକ ହୋଇଥାଏ। ସବୁଜ ଟମାଟୋ ପୋଷକ ତତ୍ତ୍ୱରେ ଭରପୂର ରହିଥାଏ। ସବୁଜ ଟମାଟୋରେ ଭିଟାମିନ ସି, ଭିଟାମିନ- ଏ ଫାଇବର ଫୋଲେଟ୍, ପୋଟାସିୟମ୍ ଓ ଆଣ୍ଟି ଇନଫ୍ଲେମେଟୋରୀ ଭଳି ପୋଷକ ତତ୍ତ୍ୱ ମିଳିଥାଏ।

ବିଶେଷଜ୍ଞଙ୍କ କହିବା ଅନୁସାରେ,ଏଥିରେ ଭିଟାମିନ୍ ସି, ଏ, କ୍ୟାଲସିୟମ୍, ପୋଟିସିୟମ୍ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଉପାଦାନ ମିଳିଥାଏ। ତେବେ ଆସନ୍ତୁ ଜାଣିବା ସବୁଜ ଟମଟୋର ଉପକାର- ଆଖି ପାଇଁ ଆଖିକୁ ସୁସ୍ଥ ରଖିବା ପାଇଁ ଆପଣ ସବୁଜ ଟମାଟୋ ଖାଇପାରିବେ। ସବୁଜ ଟମାଟୋ ବିଟା-କାରୋଟିନ୍ ମିଳିଥାଏ, ଯାହା ଆଖିକୁ ସୁସ୍ଥ ରଖିବା ଓ ଦୃଷ୍ଟିଶକ୍ତି ବଢାଇବାରେ ସାହାର୍ଯ୍ୟ କରିଥାଏ ।

ଇମ୍ୟୁନିଟି- ସୁବଜ ଟମାଟୋରେ ଭିଟାମିନ୍ ସି ଭରପୂର ରହିଥାଏ। ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନିଟି ବଢାଇବାରେ ଭୀଟାମିନ୍ ସି ସାହାର୍ଯ୍ୟ



କରିଥାଏ। ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ଆପଣ ଖାଦ୍ୟରେ ସବୁଜ ଟମାଟୋ ଖାଇପାରିବେ। ସବୁଜ ଟମାଟୋରେ ବିଟା – କାରୋଟିନ୍ ମିଳିଥାଏ, ଯାହା ଆଖିକୁ ସୁସ୍ଥ ରଖିବା ଓ ଦୃଷ୍ଟିଶକ୍ତି ବଢାଇବରେ ସାହାଯ୍ୟ କରିଥାଏ

ଇମ୍ୟୁନିଟି- ସବୁଜ ଟମାଟୋରେ ଭିଟାମିନ୍ ସି ଭରପୂର ରହିଥାଏ। ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନିଟି ବଢାଇବାରେ ଭିଟାମିନ୍ ସି ସାହାର୍ଯ୍ୟ କରିଥାଏ। ରୋଗ ପ୍ରତି ରୋଧକ ଶକ୍ତି ବଢାଇବା ପାଇଁ ଆପଣ ଖାଦ୍ୟରେ ସବୁଜ ଟମାଟୋ ସାମିଲ କରିପାରିବେ।

ବ୍ଲଡ ପ୍ରେସର ସମସ୍ୟାରୁ ମୁକ୍ତି- ସବୁଜ ଟମାଟୋରେ ପୋଟାସିୟମ ମିଳିଥାଏ, ଯାହାକି ବ୍ଲଡ ପ୍ରେସରକୁ ନିୟନ୍ତ୍ରଣରେ ରଖିବାର ସାହାଯ୍ୟ କରିଥାଏ। ବ୍ଲଡ ପ୍ରେସର ରୋଗୀଙ୍କ ସବୁଜ ଟମାଟୋ ଖାଇବା ଅତ୍ୟନ୍ତ ଲାଭଦାୟକ ହୋଇଥାଏ।

ସ୍କିନ ପାଇଁ ଲାଭଦାୟକ- ଡାଇଟରେ ସବୁଜ ଟମୋଟୋ ସାମିଲ କରି ସ୍କିନକୁ ସୁସ୍ଥ ରଖିପାରିବେ। ସବୁଜ ଟମାଟୋରେ ଥିବା ଭିଟାମିନ୍ ସି, ଓ ଆଣ୍ଟିଅକ୍ସିଡାଣ୍ଟ ସ୍କିନକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।

# ମା' ଲକ୍ଷ୍ମୀଙ୍କ କୃପା ଚାହୁଁଛନ୍ତି କି ?

## ତୁଳସୀ ଗଛକୁ ସଠିକ ଭାବେ ଯତ୍ନ ନିଅନ୍ତୁ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପ୍ରାଚୀନ ସମୟରୁ ଆମ ପୂର୍ବଜ ମାନେ ତୁଳସୀ ପୂଜା କରି ଆସିଛନ୍ତି। ଆମ ହିନ୍ଦୁ ଶାସ୍ତ୍ରରେ ତୁଳସୀ ଗଛକୁ ବହୁତ ପବିତ୍ର କୁହାଯାଏ। ତେବେ ତୁଳସୀ ଗଛରେ ସବୁ ପ୍ରକାର ଦେବୀ ଦେବତାଙ୍କ ବାସ ହୋଇଥାଏ ବୋଲି କୁହାଯାଇଛି। ଶାସ୍ତ୍ର ଅନୁଯାଇ ସବୁ ହିନ୍ଦୁମାନଙ୍କ ଘରେ ତୁଳସୀ ରହିବା ବହୁତ ଆବଶ୍ୟକ ଅଟେ, ଯେଉଁ ଘରେ ପ୍ରତିଦିନ ତୁଳସୀ ପୂଜା କରା ଯାଇଥାଏ ଏହି ପୂଜା ଦ୍ୱାରା ଆପଣଙ୍କ ଘର ଉପରେ ଭଗବାନ ବିଷ୍ଣୁ ଓ ମାତା ଲକ୍ଷ୍ମୀଙ୍କ ଅସିମ କୃପା ହୋଇଥାଏ। ଆମେ ଆଜି ଆପଣଙ୍କୁ କହିବା ପାଇଁ ଯାଉଛୁ କି ଆପଣ କିଭଳି ଭାବେ ମା ତୁଳସୀଙ୍କର ପୂଜା କରିବା ଦ୍ୱାରା ଲାଭ ବାନ ହୋଇ ପାରିବେ। ଆପଣମାନେ ଅନେକ ଲୋକଙ୍କ ଘରେ ଦେଖିଥିବେ କି ସେମାନେ ନିଜ ତୁଳସୀ ଗଛକୁ ସଠିକ ଭାବେ ଯତ୍ନ କରି ନଥାନ୍ତି। କିନ୍ତୁ ଦେଖିବା ପାଇଁ ଗଲେ ତୁଳସୀ ଗଛ କୁ ଧାର୍ମିକ ମତରେ ଅଧିକ ମାନ୍ୟତା ମିଳିଛି। ଯଦି ଦେଖିବା ପାଇଁ ଯିବା ତ ଜାଣି ପାରିବାକି ଏହାକୁ ବିଜ୍ଞାନ ମତରେ ମଧ ଏକ ଉପକାରୀ ଗଛ ବୋଲି କୁହାଯାଇଛି।ଯଦି ଆପଣ ଚାହାଁନ୍ତି କି ଆପଣ ସମସ୍ୟା ଦୂର ହୋଇ ଯାଉ ତେବେ ଆପଣ ନିଶ୍ଚିତ ଭାବେ ତୁଳସୀ ଗଛକୁ ନିଜ ଗଛକୁ ନିଜ ଘର ଅଗଣାରେ ରଖନ୍ତୁ। ଏହାକୁ ଯତ୍ନ ଓ ପୂଜା କରନ୍ତୁ ଯେଭଳି ଭାବେ ଆମେ ପୂଜା ଘରେ ମା ଲକ୍ଷ୍ମୀଙ୍କର ପୂଜା କରୁଛେ। ଭଗବାନ ବିଷ୍ଣୁ ଙ୍କର ଅତି ପ୍ରିୟ ଅଟେ ଏହି ଗଛ। ଏହାର ପତ୍ର ଯଦି ଆପଣ ସବୁ ଦିନ ଜଗନ୍ନାଥଙ୍କୁ ଦେବେ ସେ ସବୁ ଖୁସି ହୋଇଥାନ୍ତି। ତେବେ ଏହାକୁ କିଭଳି ରଖିବେ ଆସନ୍ତୁ ଜାଣିବ। ତୁଳସୀ ଗଛ ପାଖରେ ଆପଣ ଜୋତା କିମ୍ବା ଚପଲ ରଖନ୍ତୁ ନାହିଁ। ଏହା ଦ୍ୱାରା ଭଗବାନ ବିଷ୍ଣୁ ଓ ମା ତୁଳସୀଙ୍କର ଅପମାନ ହୋଇଥାଏ। ଆପଣ ଏହାର ଆଖ ପାଖକୁ ସବୁ ବେଳେ ସଫା ରଖନ୍ତୁ।ତୁଳସୀ ଗଛ ମୂଳରେ ଅନ୍ୟ କିଛି ଗଛ ଲଗାନ୍ତୁ ନାହିଁ। ଏହା ସହ ଆପଣ ପୂଜା କରିବା ସମୟରେ ତୁଳସୀ ଗଛରେ ଏକ ନାଲି ରଙ୍ଗର ଚୂନରୀ ବାନ୍ଧି ଦିଅନ୍ତୁ। ଯଦି ଆପଣଙ୍କୁ କେବେ ଲାଗୁଛି କି ଏହା ଫିକା ହୋଇ ଯାଇଛି କିମ୍ବା ଚିରି ଯାଇଛି ତେବେ ଆପଣ ଏହାକୁ ବଦଳାଇ ପାରିବେ ଓ ଅନ୍ୟ ଏକ ଚୂନରୀ ଆଣିକି ଲଗାଇ ପାରିବେ। ଏହା ସହ ଆପଣ ସବୁ ଦିନ ତୁଳସୀ ଗଛ ମୂଳରେ ପୂଜା କରିବା ଆଗରୁ ହେଉ କିମ୍ବା ପୂଜା କରିବା ପରେ ହେଉ ଜଳ ଚଢାଇବାକୁ ଭୁଲନ୍ତୁ ନାହିଁ।ଏଭଳି କରିବା ଦ୍ୱାରା ଆପଣ ଦେଖିବେ ଆପଣଙ୍କ ଘରକୁ ଆସୁଥିବା ଅସନ୍ତି ଦୂର ହୋଇଯିବ।



ଗୁରୁବାର ଦିନ ପ୍ରଥମେ ତୁଳସୀ ଗଛକୁ ପୂଜା କରିବା ପରେ ହିଁ ଦେବୀ ଲକ୍ଷ୍ମୀଙ୍କୁ ପୂଜା କରନ୍ତୁ। ଏହିଦିନ ସ୍ତ୍ରୀଲୋକମାନେ ହଳଦିଆ ବସ୍ତ୍ର ପରିଧାନ କରିବା ଉଚିତ, ଏହା ଶୁଭ ହୋଇଥାଏ। ଏହି ଦିନ ତୁଳସୀ ମୂଳରେ ହଳଦିଆ ଫୁଲ ଅର୍ପଣ କରନ୍ତୁ। କେବଳ ସେତିକି ନୁହେଁ ଆପଣ ଯଦି ଚାହିଁବେ ତ କିଛି କଂଚା କ୍ଷୀର କୁ ନେଇ ତୁଳସୀ ମୂଳରେ ଦିଅନ୍ତୁ। କେବଳ ସେତିକି ନୁହେଁ ଆପଣ ସନ୍ଧ୍ୟା ବେଳେ ଏହା ମୂଳରେ ଯଦି ଗୁଆ ଘିଅର ଦୀପ ଦିଅନ୍ତୁ କିମ୍ବା ତେଲର ଦୀପ ଜାଳି ପାରିବେ। ଏହା ଦ୍ୱାରା ଘରେ ଶାନ୍ତି ବଜାୟ ରହିବ।

# ନିଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ମନମାନି

## ରୋଗୀ କାନ୍ଦୁଛନ୍ତି

**କଟକ(ସଂପର୍କବାର୍ତ୍ତା):-** କଟକ ଜିଲ୍ଲା ନିଆଳି ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିପର୍ଯ୍ୟସ୍ତ। ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲାଗି ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ଦୁଃଖର ବିଷୟ ସରକାରଙ୍କ ଦ୍ୱାରା ପରିଚାଳିତ ଯୋଜନାମାନେ କଟକ ଜିଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫେଲ୍ ମାରିଥିବା ଅଭିଯୋଗ ହୋଇଛି। ନିଜର ବ୍ୟକ୍ତିଗତ ବ୍ୟବସାୟ ଏବଂ ଚାଷ ଉପରେ ନିର୍ଭରଶୀଳ ପ୍ରାୟ ୮ଟି ପଞ୍ଚାୟତରେ ଲୋକ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ। ନିପଟ ଗାଁ ଗଣ୍ଡାର ଲୋକମାନଙ୍କ ଦେହ ଖରାପ ହେଲେ ରାତି ଅଧରେ ଏହି ଡାକ୍ତରଖାନାକୁ ଢ଼ାଇଁ ଆସନ୍ତି। ସେହିପରି ଦିନବେଳା ମଧ ଡାକ୍ତରଖାନାରେ ରୋଗୀଙ୍କ ଭିଡ଼ ଦେଖିବାକୁ ମିଳିଥାଏ। କିନ୍ତୁ ବାସ୍ତବତାରେ ରୋଗୀଙ୍କ ଚିକିତ୍ସା ଲାଗି ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଯୁକ୍ତ ସୁବିଧା ନାହିଁ। ସର୍ବଦା କିଛି ନା କିଛି ସମସ୍ୟା ଏବଂ ଅସୁବିଧା କାରଣରୁ ଲୋକଙ୍କୁ ଆବଶ୍ୟକ ମୁତାବକ ଚିକିତ୍ସାର ସୁବିଧା ଯୋଗାଇ ଦିଆଯାଇପାରୁନାହିଁ। ସାଧାରଣ ଲୋକଙ୍କ ଅଭିଯୋଗ ମୁତାବକ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ତୁଳନାରେ ଆବଶ୍ୟକ ସଂଖ୍ୟାରେ ଶଯ୍ୟାର ଅଭାବ ରହିଛି। ଯାହାଫଳରେ ରୋଗୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶଯ୍ୟା ଅଭାବ କାରଣରୁ ରୋଗୀମାନେ ବାରଣ୍ଡାରେ ଶୋଇ ରହିବାର କେତେକ ସମୟରେ ଦେଖିବାକୁ ମିଳିଥାଏ। ଦୈନିକ ପ୍ରାୟ ୨୫୦ ରୁ ୩୦୦ ରୋଗୀ ଏହି ଡାକ୍ତରଖାନାକୁ ଆସୁଥିବାବେଳେ ଏଠାରେ ଆବଶ୍ୟକ ମୁତାବକ ଡାକ୍ତର ଏବଂ ରୋଗ ମୁତାବକ ସରଞ୍ଜାମର ଅଭାବ ଯୋଗୁଁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତ। କିଛି ବର୍ଷ ପୂର୍ବରୁ ପ୍ରଶାସନଦ୍ୱାରା ଡାକ୍ତରଖାନା ପରିସରରେ ଏକ ଲ୍ୟାବ୍ ତିଆରି ହୋଇଥିଲେ ମଧ ଲ୍ୟାବର ଟେକ୍ନିସିଆନ୍ ଏବଂ ସରଞ୍ଜାମ ଅଭାବ ଯୋଗୁଁ ଲ୍ୟାବ୍ ଠିକ୍ ଭାବରେ ଚାଲିପାରୁନାହିଁ। ଏହି ଲ୍ୟାବରେ କେବ କଫ ଓ ମ୍ୟାଲେରିଆ ପରୀକ୍ଷା ଛଡ଼ା ଅନ୍ୟ କୌଣସି ପରୀକ୍ଷା କରିବାର ସୁବିଧା ନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ସୁବିଧା ଥିଲେ ମଧ ଏଠାକୁ ଆସୁଥିବା ଗର୍ଭବତୀ ମହିଳାମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଅଲଟ୍ରାସାଉଣ୍ଡର୍ ସୁବିଧା ନଥିବା ହେତୁ ରୋଗୀମାନେ ଅଯଥା ଖର୍ଚ୍ଚର ସମ୍ମୁଖୀନ ହୋଇଥାନ୍ତି। ଡାକ୍ତରଖାନା ଉନ୍ନତି କରଣପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଅନୁଦାନ କରୁଥିବାବେଳେ ଏହିସବୁ ଅନୁଦାନ ସଠିକ୍ ମାର୍ଗରେ ଖର୍ଚ୍ଚ ହୋଇ ପାରୁ ନଥିବାର ଅଭିଯୋଗ ମଧ ହୋଇଛି। ଅନ୍ୟପକ୍ଷରେ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତରମାନେ ବେସରକାରୀ ବା ଘରୋଇ କ୍ଲିନିକ୍ ମୁହାଁ ହେଉଥିବା ଦେଖିବାକୁ ମିଳିଛି। ଡାକ୍ତରଖାନାରେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କ ପାଇଁ ଉକ୍ତ ଭଣ୍ଡାରର କୌଣସି ବ୍ୟବସ୍ଥା ନାହିଁ। ଯାହାକୁ ପ୍ରାୟ ଅଧିକାଂଶ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କ ପାଇଁ ଆବଶ୍ୟକ ହୋଇଥାଏ। ଏହାଛଡ଼ା ରୋଗୀମାନଙ୍କର ଆବଶ୍ୟକ ଅନୁଯାୟୀ ଏଠାରେ ପାନୀୟ ଜଳ, ପାରିଶ୍ରାଗର, ଶୌଚ ଏବଂ ଯାନବାହନ ରଖିବାପାଇଁ ପାର୍କିଂର କୌଣସି ସୁବିଧା ନାହିଁ।

ପାନୀୟ ଜଳ ପାଇଁ ଲାଗିଥିବା ମେସିନ୍ ଦୁଇ ବର୍ଷ ହେବ ଖରାପ ମଧ କରାଯାଉନାହିଁ। କଟକ ଜିଲ୍ଲାର ଜିଲ୍ଲା ଅଧିକାରୀଙ୍କ ଅଧୀନରେ ଯାଉଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କର ଏହି ଡାକ୍ତରଖାନାରୁ ଅନ୍ୟ କୌଣସି ଡାକ୍ତରଖାନାକୁ ଯିବାପାଇଁ ଗୋଟିଏ ମାତ୍ର ୧୦୮ ଆମ୍ବୁଲାନ୍ସ ଏବଂ ଆଉ ଗୋଟିଏ ୧୦୨ ଆମ୍ବୁଲାନ୍ସରେ ବ୍ୟବସ୍ଥଶ ରହିଛି। ଯାହାଫଳରେ ଅନେକ ସମୟରେ ଅସୁବିଧା ଦେଖିବାକୁ ମିଳିଥାଏ। ଡାକ୍ତରମାନେ ନିଜର ଡିଉଟି ଠିକ୍ ସମୟରେ କରିବେ ବୋଲି ରୋଗୀ କଲ୍ୟାଣ ସମିତି ପ୍ରଚେଷ୍ଟାରେ ପ୍ରତି ମାସରେ ବୈଠକ ଅନୁଷ୍ଠିତ କରାଯାଉଥିଲେ ମଧ ଏହା ସଫଳ ହେଉନାହିଁ। କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧାରୀଙ୍କୁ ନିଆଳି ଡାକ୍ତରଖାନା ସମସ୍ୟାକୁ ନେଇ ଜନସାଧାରଣ ଅନେକ ସମୟରେ ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ ମୁଖ୍ୟ ଚିକିତ୍ସାଧିକାରୀ ସଂପୂର୍ଣ୍ଣ କଚୁପ୍। ପୂର୍ବ ବର୍ଷ ଖବର କାଗଜରେ ପ୍ରକାଶିତ ଖବର ପ୍ରଭାବରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଚାରୋଟି ଝାଡ଼ୁଉଦାର ନିଯୁକ୍ତି ଦିଆଯାଇଥିଲା। ଅନ୍ୟ ସମସ୍ତ ସମସ୍ୟାକୁ ନେଇ ଆମେ ସରକାରଙ୍କ ଦୃଷ୍ଟିଗୋଚର କରିଥିଲେ ମଧ ଏହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଏଥିପାଇଁ ଏହି ଡାକ୍ତରଖାନାରେ ଅବସ୍ଥା ସୁଧାର କରିବାକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ କଟକର ଜିଲ୍ଲାପାଳ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ନଦେଲେ ଲୋକମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଅଳକା ଆଶ୍ରମ ଶତବାର୍ଷିକୀ ସମାରୋହ 'ଲୋଗୋ' ଉନ୍ମୋଚିତ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୫ ତମ ଜୟନ୍ତୀ ଅବସରରେ ପଙ୍କପାଳ ସ୍ଥିତ ଶ୍ରୀ ସତ୍ୟସାଇ ଜ୍ଞାନବିକାଶ ବିଦ୍ୟାଳୟ ପରିସରରେ ଜଗତସିଂହପୁର ବିକାଶ ମଞ୍ଚ ଆନୁକୂଲ୍ୟରେ ଅଳକା ଆଶ୍ରମ ଶତ ବାର୍ଷିକୀ ପାଳନ ପାଇଁ ଜିଲ୍ଲାର ପ୍ରତ୍ୟକ ବ୍ଲକରେ ଆୟୋଜନ କମିଟି ଗଠନ କରାଯାଇଛି। ଏହି ଶତ ବାର୍ଷିକୀ କମିଟିର ଆବାହକ ଶିକ୍ଷାବିତ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ପ୍ରତ୍ୟକ ଜିଲାରୁ ପ୍ରତିନିଧିମାନେ ଯୋଗଦେଇ ଏହି ଐତିହାସିକ ସ୍ମୃତିକୁ ଆଗାମୀ ପିଢୀଙ୍କ ପାଖରେ ସଠିକ ଭାବରେ ଉପସ୍ଥାପନ କରିବାପାଇଁ ବର୍ଷ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିବେ ବୋଲି ନିଷ୍ପତି ନେଇଥିଲେ। ଆବାହକ ଶ୍ରୀ ରାଉତ ଏହି ଐତିହ ସମ୍ପନ୍ନ କାର୍ଯ୍ୟକ୍ରମରେ ଜାତୀୟ ତଥା ଆନ୍ତର୍ଜ୍ୟାତୀୟ ସ୍ତରର ଗାନ୍ଧୀ ଅନୁଗାମୀ ଓ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ମିଳିତ କରି ଏହାର ଗୁରୁତ୍ୱ ଜାତୀୟ ସ୍ତରରେ ବୃଦ୍ଧିକରିବାକୁ କାର୍ଯ୍ୟ ଅକରିବେ ବୋଲି ପ୍ରକାଶ କରିଥିଲେ। ଜିଲ୍ଲାର ପ୍ରତ୍ୟକ ଶିକ୍ଷା ଅନୁଷ୍ଠାନ, ସାହିତ୍ୟ ଅନୁଷ୍ଠାନ ଓ ସାଂସ୍କୃତିକ ଅନୁଷ୍ଠାନ ଗୁଡିକୁ ସାମିଲ କରି ଆଗାମୀ ପିଢୀଙ୍କୁ ଜାତୀୟତାର ସ୍ରୋତରେ ଉଦ୍ଧବୃଦ୍ଧ କରିବା ପାଇଁ ଏହି ପ୍ରୟାସ ବର୍ଷବ୍ୟାପୀ ଜାରି ରହିବ। ଏହି ଅବସରେ ଉପସ୍ଥିତ ଥିବା ଆୟୋଜନ କମିଟର ସଦସ୍ୟଙ୍କ ଦ୍ୱାରା ଶତ ବାର୍ଷିକୀ ସମାରୋହର ଲୋଗୋ ଉନ୍ମୋଚିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସାହିତ୍ୟିକ ଡଃ ସୁରେନ୍ଦ୍ର ନାଥ ତ୍ରିପାଠୀ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ ପ୍ରେମଲତା ବାରିକ,



ସମାଜସେବୀ ଆଲୋକ ରଞ୍ଜନ ଦାସ, ନଗେନ୍ଦ୍ର ନାଥ ସ୍ୱାଇଁ, ଶିବ ପ୍ରସାଦ ସାହୁ, ରାଜେଶ କୁମାର ବେହୁରା, ଚନ୍ଦନ କୁମାର ଲେଙ୍କା, ସ୍ନେହମୟୀ ଆଚାର୍ଯ୍ୟ, ବସନ୍ତ ମଞ୍ଜରି ଦାସ, ରାଜଶ୍ରୀ ସ୍ୱାଇଁ, ରସମିତ ନାୟକ, ମନୋରମା ଦାସ, ଅଜୟ ମହାନ୍ତି, ରବୀନ୍ଦ୍ର କୁମାର ଦାସ, ହେମନ୍ତ କୁମାର ନାୟକ, ନାଗୁଚରଣ ଦେବତା, ରାକେଶ ଚନ୍ଦ୍ର ଦାସ, ମଂଜୁଲତା ରାଉତ ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ରୀୟ ଆୟୋଜନ କମିଟିର ସଭାପତି ଭାବରେ ପୂର୍ବତନ ଜିଲ୍ଲାପାଳ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଭାବେ ଗୌରାଙ୍ଗ ଚନ୍ଦ୍ର ହୋତା ଓ ଉପ ସଭାପତି ଭାବରେ ଶ୍ରୀ ସତ୍ୟସାଇ ସେବା ସଂଘର ରାଜ୍ୟ ଆବାହକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ ଦାୟିତ୍ୱ ନିର୍ବାହ କରୁଛନ୍ତି। ଉପଦେଷ୍ଟା ଭାବରେ ଜଗତସିଂହପୁର ମାଟିର ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ମଧ୍ୟରୁ ବିଭୁତି ପଟ୍ଟନାୟକ, ଦେବଦାସ ଛୋଟରାୟ, ବିନାୟକ ପଟ୍ଟନାୟକ, ଡଃ ସୁଲୋଚନା ଦାସ, ମହେନ୍ଦ୍ର କୁମାର ଆଚାର୍ଯ୍ୟ, ଡଃ ବ୍ରଜସୁନ୍ଦର ମିଶ୍ର, ବଂଶୀଧର ଆଚାର୍ଯ୍ୟ, ଡଃ ସନ୍ତୋଷ ତ୍ରିପାଠୀ, ଡଃ ଅଭୟ କୁମାର ନାୟକ, ଡଃ ସୁରେଖା ସୁନ୍ଦରୀ ସ୍ୱାଇଁ, ଡଃ ଜ୍ୟୋତିର୍ମୟୀ ମହାନ୍ତି, ଡଃ ଅରୁନ୍ଧତୀ ଦେବୀ, ଡଃ ରିନା ରାଉତରାୟ, ଡ଼ଃ କୈଳାସ ଚନ୍ଦ୍ର ଦାସ, ପୀତାମ୍ବର ତରାଇ ସହିତ ଅନେକ ବୁଦ୍ଧିଜୀବୀ ଏହି ଐତିହାସିକ ସମାରୋହକୁ ମାର୍ଗଦର୍ଶନ କରିବେ। ଏହି ଶତବାର୍ଷିକୀ ସମାରୋହ ଆସନ୍ତା ଶ୍ରୀପଞ୍ଚମୀ (ଫେବୃଆରୀ ୫ ତାରିଖ ୨୦୨୨) ରେ ଉଦଘାଟନ ହୋଇ ୨୦୨୩ ଶ୍ରୀପଞ୍ଚମୀରେ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବ। ଏହି ଏକ ବର୍ଷର ଅବଧି ମଧ୍ୟରେ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଅନୁଷ୍ଠାନରେ ଅଳକା ଆଶ୍ରମ ସମ୍ପର୍କିତ ଆଲୋଚନାଚକ୍ର, ବକ୍ତୃତା, କୁଇଜ ଓ ପ୍ରବନ୍ଧ ପ୍ରତିଯୋଗିତାର ଆୟୋଜନ କରି ଆଗାମୀ ପିଢୀଙ୍କୁ ଅଳକା ଆଶ୍ରମର ଗୁରୁତ୍ୱ ବିଷୟରେ ଅବଗତ କରାଯିବ ବୋଲି ଆବାହକ ଶ୍ରୀ ରାଉତ ପ୍ରକାଶ କରିଛନ୍ତି।

# ଟାଇମ୍‌ସ ଗୁରୁକୁଳରେ ସାଧାରଣତନ୍ତ୍ର ଦିବସ ପାଳିତ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ସ୍ଥାନୀୟ ତରଡାପଡା ସ୍ଥିତ ଟାଇମ୍‌ସ ଗୁରୁକୁଳ ପରିସରରେ ୭୩ତମ ସାଧାରଣତନ୍ତ୍ର ଦିବସ କରୋନା କଟକଣା ଭିତରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥୀଭାବେ ଅବସରପ୍ରାପ୍ତ ଅଧାପକ ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଜାନୁଆରୀ ୨୬ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଅବିସ୍ମରଣୀୟ ଦିନ ବୋଲି ମତ ଦଇଥିଲେ। ଏଥିରେ ଟାଇମ୍ସ ଗୁରୁକୁଳର ଚେୟାରମ୍ୟାନ ରଶ୍ମିରଞ୍ଜନ ମିଶ୍ର କହିଥିଲେ ଯେ, ଦୀର୍ଘ ୭୩ବର୍ଷ ଭିତରେ ଭାରତ ଏକ ସଫଳ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ନିଜର ପରିଚୟ ସାରା ବିଶ୍ୱରେ ସୃଷ୍ଟି କରିପାରିଛି। ଅନୁଷ୍ଠାନର ଅଧକ୍ଷା ସୌଦାମିନୀ ସାହୁ ତାଙ୍କ ବକ୍ତବ୍ୟରେ ଆମ ସମ୍ବିଧାନ ଆମ ଦେଶକୁ ଶାସନ କରିବା ପାଇଁ ଏକ ମାର୍ଗଦର୍ଶିକା ରୂପେ ରହିଛି। ଦେଶର ଅଖଣ୍ଡତା ଓ ଏକତା ବଜାୟ ରଖିବା ପାଇଁ ଆମେ ସଂକଳ୍ପବଦ୍ଧ ହେବା ଏହାହିଁ ସାଧାରଣତନ୍ତ୍ର ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବିଚିତ୍ରାନନ୍ଦ ତ୍ରିପାଠୀ, ପ୍ରତୀକ ଜେନା, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ଛୋଟରାୟ, ସୁଶ୍ରୀ ଅଞ୍ଜୁଷା ଓ ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଆଲେଚନାରେ ଅଂଶଗ୍ରହଣ କରି ସାଧାରଣତନ୍ତ୍ର ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ସସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ଘରେ ଲଗାନ୍ତୁ କନିଅର ଗଛ, ଲକ୍ଷ୍ମୀ-ନାରାୟଣ ହୁଅନ୍ତି ସନ୍ତୁଷ୍ଟ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବାସ୍ତୁ ଶାସ୍ତ୍ର ମୁତାବକ, କିଛି ଗଛ ଘରେ ନକାରାତ୍ମକ ଶକ୍ତି ଦୂର କରି ସକାରାତ୍ମକ ଶକ୍ତି ସଂଚାର ଥାଆନ୍ତି। ଯେପରି ବେଲ, ଅଳାଁ, ଲାଜକୁଳି ଲତା,ତୁଳସୀ ଆଦି ଗଛ ଘରେ ଲଗାଇବା ଦ୍ୱାରା ସୁଖ ଆସିଥାଏ। ସେହିପରି କନିଅର ଗଛ ମଧ ଘରର ଉନ୍ନତି ପାଇଁ ଶୁଭ ହୋଇଥାଏ। ଏହି ଗଛର ଈଶ୍ୱରୀୟ ଗୁଣ ଘରେ ପରସ୍ପର ଭିତରେ କଳହକୁ ଶାନ୍ତ କରିବାରେ ସହାୟକ ହୋଇଥାଏ। ଏଥି ସହିତ ପରିବାରର ଆର୍ଥିକ ସ୍ଥିତିକୁ ମଧ ମଜଭୁତ କରିଥାଏ। ଏମିତିରେ ଆସନ୍ତୁ ଜାଣିବା କି, ବାସ୍ତୁ ମୁତାବକ କନିଅର ଗଛ କେଉଁ ପ୍ରକାର ବାସ୍ତୁ ଦୋଷକୁ ଦୂର କରି ଘରେ ସୁଖ ଶାନ୍ତିରେ ପରିବେଶ ସୃଷ୍ଟି କରିଥାଏ। ମା ଲକ୍ଷ୍ମୀ ଏବଂ ଭଗବାନ ବିଷ୍ଣୁଙ୍କର ଅତି ପ୍ରିୟ ହୋଇଥାଏ ବାସ୍ତୁ ଶାସ୍ତ୍ରରେ କନିଅର ଗଛ ଘର ଏବଂପରିବାର ପାଇଁ ଶୁଭ ହୋଇଥାଏ। ଏହି ଗଛର ଈଶ୍ୱରୀୟ ଗଣୁ ଘରେ ପରସ୍ପର ଭିତରେ କଳହକୁ ଶାନ୍ତ କରିବାର ସହାୟକ ହୋଇଥାଏ।ଏଥି ସହିତ ପରିବାର ଆର୍ଥିକ ସ୍ଥିତିକୁ ମଧ ମଜଭୁତ କରିଥାଏ। ଏମିତିରେ ଆସନ୍ତୁ ଜାଣିବା କି, ବାସ୍ତୁ ମୁତାବକ କନିଅର ଗଛ କେଉଁ ପ୍ରକାର ବାସ୍ତୁ ଦୋଷକୁ ଦୂର କରି ଘରେ ଶାନ୍ତିର ପରିବେଶ ସୃଷ୍ଟି କରିଥାଏ। ମା ଲକ୍ଷ୍ମୀ ଏବଂ ଭଗବାନ ବିଷ୍ଣୁଙ୍କର ଅତି ପ୍ରିୟ ହୋଇଥାଏ ବାସ୍ତୁ ଶାସ୍ତ୍ରରେ କନିଅର ଗଛ ଘର ଏବଂ ପରିବାର ଅତ୍ୟନ୍ତ ଶୁଭ ହୋଇଥାଏ। ମାନ୍ୟତା ରହିଛି କି, ଏହି ଗଛରେ ଭଗବାନ ବିଷ୍ଣୁ ବାସ କରି ଥାଆନ୍ତି। କନିଆର ଦୁଇ ପ୍ରକାରର ହୋଇଥାଏ। ଗୋଟିଏ ଧଳା ଏବଂ ଅନ୍ୟଟି ହଳଦିଆ କନିଅର ଫୁଲ ଗଛରେ ସ୍ୱୟଂ ଭଗବାନ ବିଷ୍ଣୁ ବାସ କରି ଥାଆନ୍ତି। ବଢିଥାଏ ଧନ, ସମ୍ପତ୍ତି କୁହାଯାଏ, ଯେଉଁ କନିଅର ଗଛ ବର୍ଷସାରା ଫୁଲରେ ପରିପୂର୍ଣ୍ଣ ରୁହେ, ସେହି ଗଛକୁ ଘରେ ଲଗାଇବା ଦ୍ୱାରା ସବୁବେଳେ ଧନର ଆଗମଧ ହୋଇଥାଏ। କନିଅର ଗଛ ଘରର ପରିବେଶକୁ ଶାନ୍ତ ରଖିଥାଏ। ଏଥି ସହିତ ଘରେ ସକାରାତ୍ମକତା ମଧ ବଜାୟ ରଖିଥାଏ।ଏହାକୁ ପୂର୍ବ କିମ୍ବା ପୂର୍ବ-ଉତ୍ତର କୋଣର ଲଗାଇବା ଦ୍ୱାରା ଘରେ ସବୁବେଳେ ମା ଲକ୍ଷ୍ମୀ ପ୍ରସନ୍ନ ହୋଇ ସମସ୍ତ ପ୍ରକାରର ଆର୍ଥିକ ସମସ୍ୟାକୁ ଦୂର କରି ଥାଆନ୍ତି। ସେପଟେ ହଳଦିଆ ରଙ୍ଗର କନିଆର ଫୁଲ ଗଛକୁ ଘରେ ଲଗାଇବା ଏବଂ ଏହାର ଫୁଲରେ ଭଗବାନ ବିଷ୍ଣୁଙ୍କୁ ପୂଜା କରିବା ଦ୍ୱାରା ଘରେ ସୁଖ ଶାନ୍ତି ଆସିଥାଏ। ଏହା ବ୍ୟତୀତ ଧନ ସମ୍ପତ୍ତି ବଢିଥାଏ ଏବଂ ମାଙ୍ଗଳିକ କାର୍ଯ୍ୟରେ କୌଣସି ବି ପ୍ରକାରର ପ୍ରତିବନ୍ଧକ ଆସେ ନାହିଁ। କହି ରଖୁଛୁ କି, କନିଅର କନିଅର ଗଛ ଅନେକ ପ୍ରକାର ରୋଗର ଔଷଧ ଭାବରେ କାମ କରିଥାଏ। କିନ୍ତୁ ଏହାର ଫୁଲରେ ଭଗବାନ ବିଷ୍ଣୁଙ୍କୁ ପୂଜା କରିବା ଦ୍ୱାରା ଘରେ ସୁଖ ଶାନ୍ତି ଆସିଥାଏ। ଏହା ବ୍ୟତୀତ ଧନ ସମ୍ପତ୍ତି ବଢିଥାଏ ଏବଂ ମାଙ୍ଗଳିକ କାର୍ଯ୍ୟରେ କୌଣସି ବି ପ୍ରକାର ରୋଗର ଔଷଧ ଭାବରେ କାମ କରିଥାଏ କିନ୍ତୁ ଏହାର ଫୁଲ ଏବଂ ମଞ୍ଜି ବିଷାକ୍ତ ହୋଇଥାଏ। ଏଥିପାଇଁ ଏହାକୁ ଜାଗାରେ ଲଗାଇବା ଉଚିତ, ଯେପରି ଛୋଟ ପିଲାମାନେ ଏହା ପାଖରେ ପହଂଚି ପାରିବେ ନାହିଁ।

# ସାଇ ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ

**ରଘୁନାଥପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ତଅଁରା ପଞ୍ଚାୟତର ଶାଳିଜଙ୍ଗାଠାରେ ଥିବା ଶିରିଡି ସାଇ ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ ଆଜି ଆରମ୍ଭ ହୋଇଛି। ଆଜି ପ୍ରତ୍ୟୁଷରୁ ମହିଳାମାନେ ଚିକିଣିଆ ନିକଟସ୍ଥ ହଂସୁଆ ନଦୀରୁ କଳସଯାତ୍ରାରେ ଆସି ଶିରିଡି ସାଇଙ୍କ ଠାରେ ଜଳାଭିଷେକ କରିଥିଲେ। ଏହି ଉତ୍ସବ ୩ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଆଜି ଅଙ୍କୁରାରୋପଣ, କଳସଯାତ୍ରା, ଘଟସ୍ଥାପନ, ଯଜ୍ଞଆରମ୍ଭ, ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମନ୍ଦିରର ଟ୍ରଷ୍ଟି ବିଜୟ କୁମାର ପାଲଟା ସିଂହ, ମନ୍ଦିର ପରିଚାଳନା କମିଟି ସମ୍ପାଦକ ଇଂ ବାବାଜୀ ଜେନା, ଟ୍ରଷ୍ଟି ଦିଲ୍ଲିପ୍ କୁମାର ରଥ, ଟ୍ରଷ୍ଟି ପ୍ରାର୍ଥସଖା ପାଲଟା ସିଂହ, ଟ୍ରଷ୍ଟି ବିଜୟ କୁମାର ସାଇଁ, ମାନସ କୁମାର ମହାପାତ୍ର, ରାଜକୁମାର ପାଲଟା ସିଂହ, ଦୋଳଗୋବିନ୍ଦ ମଲ୍ଲିକ, ପ୍ରଫୁଲ୍ଲ ମହାପାତ୍ର, ବଡକୃଷ୍ଣ ନାୟକ, ପ୍ରଭାକର ମହାପାତ୍ର, ପ୍ରକାଶ ଜେନା, ପଣ୍ଡିତ ବିଶ୍ୱଜିତ ଦାସ, ଚିନ୍ମୟୀ ମହାପାତ୍ର, ନଳିନୀପ୍ରଭା ପାଳ, ଶାନ୍ତିଲତା ଦ୍ୱିବେଦୀ, ସଚ୍ଚିକାନ୍ତ ରାଉତ, ବିଜୟ କୁମାର ରାଉତ, ପ୍ରଶାନ୍ତ ତ୍ରିପାଠୀ, ପ୍ରଦ୍ୟୁମ୍ନ ନନ୍ଦ, ଗଙ୍ଗାଧର ଜେନା, ଏସ୍.ଏନ୍. କଲେଜର ପୂର୍ବତନ ଅଧକ୍ଷ ଅଜୟ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ।



# ଭକ୍ତକବିଙ୍କ 'ବର୍ଣ୍ଣବୋଧ' ଓଡ଼ିଆ ଭାଷାର ଅକ୍ଷର ବେଦ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଭକ୍ତକବି ମଧୁସୂଦନ ରାଓଙ୍କ ୧୬୯ତମ ଜୟନ୍ତୀ ଆଜି ସ୍ଥାନୀୟ ସାନବଜାରଠାରେ ପାଳିତ ହୋଇଯାଇଛି । ପରିଷଦର ସଭାପତି ଅଧାପକ ହିମାଂଶୁ ଆଚାର୍ଯ୍ୟ ଏଥିରେ ଅଧକ୍ଷତା କରି ଭକ୍ତକବି ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧ ଓଡ଼ିଆ ଭାଷାର ଅକ୍ଷର ବେଦ ବୋଲି କହିଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ଆଇ.ଡି.ଏଫ୍.ସି.ର ବରିଷ୍ଠ ଅଧିକାରୀ ପ୍ରକାଶ କୁମାର ସାଇଁ ତାଙ୍କ ବକ୍ତବ୍ୟରେ ଭକ୍ତକବିଙ୍କ ରଚିତ 'ଈଶ୍ୱର ଦୟାର ସାଗର, ତାଙ୍କର ମହିମା ସୁମର', 'ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ' ଏବଂ 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହି ଥାଏ ନିରନ୍ତର' କବିତା ଗୁଡିକର ମୂଲ୍ୟାୟନ କରିଥିଲେ। ସେହିପରି ଆଲୋଚକ ଭାବେ ଆଇନଜୀବୀ ଯୋଗଜନ୍ମା ଚାନ୍ଦ ଯୋଗଦେଇ ଭକ୍ତକବି ମଧୁସୂଦନ ରାଓ ଓଡିଆ ଭାଷା ସାହିତ୍ୟ ସୁରକ୍ଷାର ଅନ୍ୟତମ ବିନ୍ଧାଣି ଥିଲେ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦ୍ୟୁମ୍ନ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ, ଅଶୋକ କୁମାର ବେହେରା, ପ୍ରତାପ କୁମାର ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଭକ୍ତକବିଙ୍କ ସାରସ୍ୱତ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଧନେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ରଘୁନାଥପୁରରେ ୨୨ଟି ୱାର୍ଡରେ କେହି ପ୍ରାର୍ଥୀପତ୍ର ଦାଖଲ କଲେ ନାହିଁ

**ରଘୁନାଥପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକର ୧୯ଗୋଟି ପଂଚାୟତର ବିଭିନ୍ନ ୱାର୍ଡରେ ୱାର୍ଡ ସଭ୍ୟ ପଦବୀ ନିମନ୍ତେ ନିର୍ବାଚନ କମିଶନ ପକ୍ଷରୁ ସ୍ଥାନ ସଂରକ୍ଷଣ କରାଯାଇଥିଲା। ଏହି ସଂରକ୍ଷଣରେ ବ୍ୟାପକ ତ୍ରୁଟି ଥିବାରୁ ରଘୁନାଥପୁର ବ୍ଲକର ୧୯ଗୋଟି ପଂଚାୟତର ୨୨ଗୋଟି ୱାର୍ଡରେ କେହି ଜଣେ ହେଲେ ୱାର୍ଡ ସଭ୍ୟ ପଦବୀ ନିମନ୍ତେ କେହି ଜଣେ ହେଲେ ପ୍ରାର୍ଥୀପତ୍ର ଦାଖଲ କରିନଥିଲେ। ଯେଉଁ ୱାର୍ଡରେ ଯେଉଁ ଜାତି ପାଇଁ ସଂରକ୍ଷଣ କରାଯାଇଅଛି, ସେହି ୱାର୍ଡରେ ସେହି ଜାତିର ଜଣେ ହେଲେ ଭୋଟର ନାହାଁନ୍ତି। ଯାହାଫଳରେ ରଘୁନାଥପୁର ବ୍ଲକର ୨୨ଗୋଟି ୱାର୍ଡରେ ଜଣେ ହେଲେ ୱାର୍ଡ ସଭ୍ୟ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ କରିନାହାଁନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି, ରଘୁନାଥପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଂଚାୟତର ଜଗନ୍ନାଥପୁର ଗ୍ରାମର ୨ନଂ ୱାର୍ଡରେ ଜଣେ ହେଲେ ଅନୁସୂଚିତ ଜନଜାତି (ଆଦିବାସୀ) ଭୋଟର ନାହାଁନ୍ତି। ଅଥଚ ଏହି ୨ନଂ ୱାର୍ଡକୁ ୱାର୍ଡ ସଭ୍ୟ ପଦବୀକୁ ଅନୁସୂଚିତ ଜନଜାତି ଲୋକଙ୍କ ପାଇଁ ସଂରକ୍ଷଣ କରାଯାଇଅଛି। ଫଳରେ ଜଗନ୍ନାଥପୁର ୨ନଂ ୱାର୍ଡରେ ୱାର୍ଡ ସଭ୍ୟ ନିମନ୍ତେ କେହି ଜଣେ ହେଲେ ମଧ୍ୟ ପ୍ରାର୍ଥୀପତ୍ର ଦାଖଲ କରିପାରିଲେ ନାହିଁ। ଏହିଭଳି ରଘୁନାଥପୁର ବ୍ଲକର ୨୨ଗୋଟି ୱାର୍ଡରେ ୱାର୍ଡ ସଭ୍ୟ ନିମନ୍ତେ ଜଣେ ହେଲେ ପ୍ରାର୍ଥୀପତ୍ର ଦାଖଲ କରିନଥିବାରୁ ପୁନର୍ବାର ଆଜି ପ୍ରାର୍ଥୀପତ୍ର ଦାଖଲ କରିନଥିବା ୨୨ଗୋଟି ୱାର୍ଡ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ ନିମନ୍ତେ ନିର୍ବାଚନ ଅଧିକାରୀ ତାରିଖ ଘୋଷଣା କରିଛନ୍ତି। ଜାନୁୟାରୀ ୩୦ରୁ ଫେବୃୟାରୀ ୧ତାରିଖ ମଧ୍ୟରେ ଆଦୌ ପ୍ରାର୍ଥୀପତ୍ର ଦାଖଲ କରିନେଇଥିବା ୨୨ଟି ୱାର୍ଡ ନିମନ୍ତେ ୱାର୍ଡ ସଭ୍ୟ ପ୍ରାର୍ଥୀପତ୍ର ଦାଖଲ କରିବେ। ଆଜି ପ୍ରଥମ ଦିନରେ କେହି ଜଣେ ହେଲେ ମଧ୍ୟ ପ୍ରାର୍ଥୀପତ୍ର ଦାଖଲ କରିନାହାଁନ୍ତି। ଯଦି ଭୁଲ ସଂରକ୍ଷଣ କରାଯାଇଥିବା ୱାର୍ଡରେ ସଂଶୋଧନ କରାନଯାଇ ତେବେ ଏହି ୨୨ଗୋଟି ୱାର୍ଡରେ କେହି ଜଣେ ହେଲେ ମଧ୍ୟ ପ୍ରାର୍ଥୀପତ୍ର ଦାଖଲ କରିପରିବେ ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

# ଉଦ୍ୟାନ ବିଭାଗ ପକ୍ଷରୁ ଫଳନ୍ତି ଗଛର ବର୍ଦ୍ଧିତ ମୂଲ୍ୟ ଘୋଷଣା, ଜେଏସଡବ୍ଲ୍ୟୁ ପ୍ରସ୍ତାବିତ ଅଞ୍ଚଳରେ ଲୋକଙ୍କ ଉତ୍ସାହ ବୃଦ୍ଧି

**ଏରସମା(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲାର ଏରସମା ତହସିଲ ଅନ୍ତର୍ଗତ ଢ଼ିଙ୍କିଆ ନୂଆଗାଁ ଓ ଗଡ଼କୁଜଙ୍ଗ ପଞ୍ଚାୟତରେ ହେବାକୁ ଥିବା ଜେଏସଡବ୍ଲ୍ୟୁ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଜାରି ରହିଛି। ଗୋଟିଏ ପଟେ ପାନବରଜ ମାପଚୁପ ଓ ଭଙ୍ଗା ଶେଷ ପର୍ଯ୍ୟାୟରେ ପହଁଚିଛି। ଅପରପକ୍ଷରେ ଗୋବିନ୍ଦପୁର ଗାଁରେ ସ୍ଥାନୀୟ ଲୋକମାନଙ୍କ ହତା ଗଛ ଚିହ୍ନଟ ଓ ଗଣତି ପ୍ରକ୍ରିୟା ଜାରି ରହିଛି। ଆଜି ସୁଦ୍ଧା ୫୬୦୦ ରୁ ଉର୍ଦ୍ଧ ଗଛ ଗଣତି ଶେଷ ହୋଇ ଗଲାଣି। ଏଥି ସହିତ ଗୋବିନ୍ଦପୁର ଗାଁରେ ଚାରୋଟି ଦଳ ପକ୍ଷରୁ ଦଶ ହଜାରରୁ ଉର୍ଦ୍ଧ୍ୱ ଗଛ ଚିହ୍ନଟ ହୋଇ ସାରିଲାଣି। ପୋସ୍କୋ କମ୍ପାନୀ ସମୟରେ ୨୦୦୭ ସମୟରେ ଉଦ୍ୟାନ ବିଭାଗ ପକ୍ଷରୁ ଫଳନ୍ତି ଗଛର ଯେଉଁ ମୂଲ୍ୟାୟନ କରାଯାଇଥିଲା ସେଥିରେ ପରିବର୍ତ୍ତନ ହୋଇଛି।ଗତ ୨୦୨୧ ମେ ମାସରେ ଉଦ୍ୟାନ ବିଭାଗ ପକ୍ଷରୁ ନୂତନ ବର୍ଦ୍ଧିତ ମୂଲ୍ୟ ଘୋଷଣା କରାଯାଇଛି। ଏଥିରେ ମୁଖ୍ୟତଃ ବର୍ଷକର କାଜୁ ଗଛର ମୂଲ୍ୟ ସର୍ବନିମ୍ନ ୪୧୫ ଟଙ୍କା ରହିଥିବା ବେଳେ ସର୍ବାଧିକ ୯୫୧୦ ଟଙ୍କା ରହିଛି। ସେହିପରି ଆମ୍ବ ଗଛର ସର୍ବନିମ୍ନ ମୂଲ୍ୟ ୯୬୭ ଟଙ୍କା ଥିଲାବେଳେ ସର୍ବାଧିକ ୧୨ହଜାର ୭୯୦ ଟଙ୍କା, ନଡ଼ିଆ ଗଛର ସର୍ବନିମ୍ନ ମୂଲ୍ୟ ୧୪୦୫ ଟଙ୍କା ଥିଲାବେଳେ ସର୍ବାଧିକ ୮ ହଜାର ୧୧୦ ଟଙ୍କା, ସଜନା ଗଛର ସର୍ବନିମ୍ନ ମୂଲ୍ୟ ୨୬୪ ଟଙ୍କା ଥିଲାବେଳେ ସର୍ବାଧିକ ୧୧୦୪ ଟଙ୍କା,ପଣସ ଗଛର ସର୍ବନିମ୍ନ ମୂଲ୍ୟ ୧୦୭୮ ଟଙ୍କା ଥିଲାବେଳେ ସର୍ବାଧିକ ୯,୮୪୪ ଟଙ୍କା ରହିଛି। ସେହିପରି ଜାମୁ ଗଛର ସର୍ବନିମ୍ନ ମୂଲ୍ୟ ୧୭୫ ଟଙ୍କା ଥିଲାବେଳେ ସର୍ବାଧିକ ୪ ହଜାର ଟଙ୍କା ଲେଖାଏଁ ରହିଛି। ସେହିଭଳି ଅନ୍ୟାନ୍ୟ ଫଳନ୍ତି ଗଛର ବର୍ଦ୍ଧିତ ମୂଲ୍ୟ ମଧ ଘୋଷଣା କରାଯାଇଛି। ସ୍ଥାନୀୟ ଲୋକମାନଙ୍କ ହତା ଗଛ ଚିହ୍ନଟ ପରେ ଗୋବିନ୍ଦପୁର ଗାଁରେ ଥିବା ଚାରୋଟି ଜଙ୍ଗଲ କମିଟିର ଗଛ ଚିହ୍ନଟ କରାଯିବ। ଏହି ସମସ୍ତ କାର୍ଯ୍ୟରେ ସ୍ଥାନୀୟ ଲୋକମାନେ ନିୟୋଜିତ ହେଉଛନ୍ତି। ତେବେ ପୂର୍ବରୁ ପୋସ୍କୋ କମ୍ପାନୀ ସମୟରେ ଯେଉଁ ମୂଲ୍ୟ ନିର୍ଦ୍ଧାରଣ କରାଯାଇ ଥିଲା ଜେଏସଡବ୍ଲ୍ୟୁ ପ୍ରକଳ୍ପ ସମୟରେ ଉଦ୍ୟାନ ବିଭାଗ ପକ୍ଷରୁ ବର୍ଦ୍ଧିତ ମୂଲ୍ୟକୁ ନେଇ ସ୍ଥାନୀୟ ଗାଁର ଧୀରେନ୍ଦ୍ର ପରିଡ଼ା, ହରିଜନ ପଡ଼ାର ସୁରେଶ ଦାସ, ତୋଫାନ ଦାସ ଭଳି ଅନେକ ଲୋକ ଖୁସି ପ୍ରକାଶ କରିଛନ୍ତି। ଅପରପକ୍ଷରେ ଗତକାଲି ୨୭ ତାରିଖ ସୁଦ୍ଧା ୮୫୭ ଟି ପାନବରଜ ମାପଚୁପ କରାଯାଇ ଥିଲା ବେଳେ ସେଥିରୁ ୬୭୧ ଟି ପାନବରଜ ଭଙ୍ଗା ଯାଇଛି। ଏଥି ମଧ୍ୟରୁ ୪୮୫ ଜଣଙ୍କୁ ପ୍ରାୟ ୧୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା କ୍ଷତିପୂରଣ ବାବଦକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।



# କଳିଓଦା ଉପ୍ରା ବିଦ୍ୟାଳୟରେ ବୃକ୍ଷରୋପଣ ଓ ସଫେଇ କାର୍ଯ୍ୟକ୍ରମ



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ବ୍ଲକ ଅଧିନସ୍ଥ କଳିଓଦା ଉପ୍ରାବିଦ୍ୟାଳୟରେ ୭୩ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସକାଳ ୭ଘଟିକା ସମୟରେ ପ୍ରଧାନଶିକ୍ଷକ ତୁଳସୀ ପ୍ରସାଦ ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଜାତୀୟ ସଙ୍ଗୀତ ଗାନ କରିଥିଲେ। ତତ୍‌ପରେ ବିଦ୍ୟାଳୟ ପରିସରରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବୃକ୍ଷରୋପଣ କରିବା ସହିତ ହତା ଓ ହତା ବାହାରେ ପ୍ରଧାନଶିକ୍ଷକ ଶ୍ରୀ ମହାପାତ୍ର ଓ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ମାନେ ଏବଂ ଚେୟାରପର୍ସନ ଲିଙ୍ଗରାଜ ନାୟକ ସଫେଇ କରିଥିଲେ। ସ୍ୱତନ୍ତ୍ର ଭାବରେ ପ୍ଲାଷ୍ଟିକ ଆବର୍ଜନା ଗୁଡିକ ସଂଗ୍ରହ କରାଯାଇ ପ୍ଲାଷ୍ଟିକ ଆବର୍ଜନା କୁଣ୍ଡରେ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକୁ ଶିକ୍ଷକ ଶିକ୍ଷୟିତ୍ରୀ ଅନିରୁଦ୍ଧ ଦାସ,ସରସ୍ୱତୀ ପଣ୍ଡା,ସ୍ମୃତିରେଖା ମହାପାତ୍ର,ଆଦ୍ୟାରଶ୍ମୀ ପଣ୍ଡା,ପ୍ରଣିତା ମହାପାତ୍ର,ପରିଚାଳନା କରିଥିଲେ।

# ମା ବୈଷ୍ଣବୀ ଠାକୁରାଣୀଙ୍କ ମନ୍ଦିର ରତ୍ନମୁଦ୍ରିତ ଉତ୍ସବ

**ଏରସମା(ସଂପର୍କବାର୍ତ୍ତା):-**ଏରସମା ବ୍ଲକ, ଗୋଡ଼ା ପଞ୍ଚାୟତ ବିରକିଶୋରପୁର(ଆଉଁରୀ)ଗାଁ ଲୋକଙ୍କ ଦ୍ୱାରା ଇଷ୍ଟଦେବୀ ମା ବୈଷ୍ଣବୀ ଠାକୁରାଣୀଙ୍କ ମନ୍ଦିର ରତ୍ନମୁଦ୍ରିତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଏହି ଉତ୍ସବରେ ଗ୍ରାମବାସୀ ଓ ଆଖ ପାଖ ଗାଁ ଲୋକେ ସାମିଲ ହୋଇଥିଲେ,ରତ୍ନମୁଦ୍ରିତ ରେ ଛଅ କୁଇଣ୍ଟାଲର ଧାନ,ରୁପା, ସୁନା ଆଦି ହୁଣ୍ଡି ରେ ଦିଆଯାଇଛି। ଗ୍ରାମବାସୀ ମାନେ ସାହାଯ୍ୟ ସହରେଯାଗ କରିଥିଲେ। ପ୍ରାୟତଃ ଅଢ଼େଇ ବର୍ଷ ପୂବେ ଆରମ୍ଭ ହୋଇଥିଲା ମନ୍ଦିର କାର୍ଯ୍ୟ। ଆଜି ମନ୍ଦିର ର ରତ୍ନମୁଦ୍ରିତ ସ୍ଥାପନ କଳାଗଲା।ସଭାପତି-ବିଜୟ କୁମାର ଗାୟଆ, ସଂପାଦକ-ନରେଶ ଚନ୍ଦ୍ର ସ୍ୱାଇଁ,କୋଷାଧକ୍ଷ ତନ୍ମୟ କୁମାର ସ୍ୱାଇଁ, ବିଜୟ ସ୍ୱାଇଁ, ବରୁଣ କୁମାର ବାରିକ, ଗଦାଧର ବିଶ୍ୱାଳ, ଆକାଶ ରଞ୍ଜନ ସ୍ୱାଇଁ,ବୃନ୍ଦେଶ୍ୱର ବିଶ୍ୱାଳ ପ୍ରମୂଖ ଯୋଗଦେଇଥିଲେ।



# ସମାଜସେବୀ ପ୍ରଦୀପଙ୍କ ସହାୟତା ପ୍ରଦାନ

**ଜଗତସିଂହପୁର(ସଂପର୍କବାର୍ତ୍ତା):-**ଜଗତସିଂହପୁର ସଦରମହକୁମାର ସମାଜସେବୀ ତଥା ବାଲିକୁଦା ମହାବିଦ୍ୟାଳୟର ବରିଷ୍ଠ ଅଧାପକ ବିଭିନ୍ନ ସମୟରେ ଆର୍ଥିକ ଅନାଟନରେ ପିଡିତ ହେଉ କିମ୍ବା ଅତ୍ୟନ୍ତ ଆର୍ଥିକ ସଙ୍କଟରେ ଥିବା ଅସହାୟ ମାନଙ୍କୁ ସହାୟତା କରି ସବୁ ବେଳେ ଚର୍ଚ୍ଚାରେ ଥିବାବେଳେ ଆଜି ଜଗତସିଂହପୁର ବ୍ଲକ ଉପକଣ୍ଠର, ପଳାଶୋଳ ଗ୍ରାମର, ହୃଦୟାନନ୍ଦ ଦାଶଙ୍କ ଏକମାତ୍ର ପୁତ୍ର ସଚ୍ଚିଦାନନ୍ଦ ଦାଶଙ୍କ ବ୍ରତୋପନୟନ କାର୍ଯ୍ୟ ନିମିତ୍ତ, ସମାଜସେବୀ ଅଧାପକ ପ୍ରଦୀପ ଶତପଥୀ ଆର୍ଥିକ ସାହାଯ୍ୟ କରିଛନ୍ତି । ପରମେଶ୍ୱର ନୂତନ ବ୍ରହ୍ମଚାରୀଙ୍କୁ ଆଶୀର୍ବାଦ ପ୍ରଦାନ କରିବା ପାଇଁ ନିବେଦନ କରିଛନ୍ତି।



# ଜଗତସିଂହପୁରରେ ସାଧାରଣତନ୍ତ୍ର ଦିବସ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ସଦର ମହକୁମାସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମଠାରେ ୭୩ ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ କୋଭିଡ୍-୧୯ ମାର୍ଗଦର୍ଶିକା ଅନୁଯାୟୀ ମହାସମାରୋହରେ ପାଳିତ ହୋଇ ଯାଇଅଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣୀଗ୍ରାହୀ ଜାତୀୟ ପତାକା ଉତୋଳନ କରିବା ସହିତ ଅଭିବାଦନ ଗ୍ରହଣ କରିଥିଲେ । ସମବେତ ଜନସାଧାରଣ ଓ ଉପସ୍ଥିତ ସମସ୍ତଙ୍କୁ ସମ୍ବୋଧନ କରି ମୁଖ୍ୟ ଅତିଥି କହିଲେ ଆଜି ହେଉଛି ପବିତ୍ର ଗଣତନ୍ତ୍ର ଦିବସ । ଆମପାଇଁ ଏକ ସ୍ମରଣୀୟ ଦିବସ । ଦେଶର ସ୍ୱାଧିନତା ପ୍ରାପ୍ତି ପରେ ଯେଉଁ ମହାନ୍ ଉପଲବ୍ଧି ଆମେ ହାସଲ କରିଥିଲୁ, ତାହା ହେଲା ଦେଶକୁ ଗଣତନ୍ତ୍ର ରାଷ୍ଟ୍ର ଭାବେ ଗଢିତୋଳିବା । ଆମେ ଆଜି ବିଶ୍ୱର ସର୍ବ ବୃହତ ଗଣତନ୍ତ୍ରର ଗୌରବ ଅର୍ଜନ କରି ପାରିଛୁ । ଆମର ପୂର୍ବ ପୁରୁଷମାନେ ଯେଉଁ ସଂଗ୍ରାମ, ବଳିଦାନ, ତ୍ୟାଗ, ତିତିକ୍ଷା, ଦେଶପ୍ରେମ ପ୍ରଦର୍ଶନ କରି ଯାଇଛନ୍ତି ସେମାନେ ଆଜି ଆମ ପାଇଁ ନମସ୍ୟ । କେବଳ ଏ ଦେଶକୁ ଗଣତନ୍ତ୍ର ଭାବେ ନୁହେଁ ଏହାକୁ ଏକ ଧର୍ମ ନିରପେକ୍ଷ, ସାର୍ବଭୌମ, ସମାଜବାଦୀ ଗଣତନ୍ତ୍ର ଭାବେ ଗଢିତୋଳିଛି । ୨୬ ଜାନୁୟାରୀ ୧୯୫୦ ମସିହାରେ ଆମେ ଏକ ପ୍ରଗତିଶୀଳ ସମ୍ବିଧାନ ଗଢିବାକୁ ନିଜକୁ ସମର୍ପିତ କରି ସଙ୍କଳ୍ପ ନେଇଥିଲୁ । ସେହି ସଂଙ୍କଳ୍ପକୁ ଦୋହରାଇବା ପାଇଁ ଆଜିର ଦିନ ଆମକୁ ସୁଯୋଗ ଆଣି ଦେଇଛି । ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ, ଜିଲ୍ଲାପାଳ ପାରୁଲ ପଟାୱରୀ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଖିଳେଶ୍ୱର ସିଂହ ମୁଖ୍ୟଅତିଥିଙ୍କୁ ପତାକାସ୍ତମ୍ଭ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ପ୍ରତ୍ୟୁଷରେ ସହରରେ ରାମଧୂନ୍ ପରିବେଷଣ କରାଯାଇଥିଲା । ସାଧାରଣତନ୍ତ୍ର ଦିବସ ଅବସରରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିସରରେ ମୁଖ୍ୟ ଅତିଥି,ଜିଲ୍ଲାପାଳ,ଆରକ୍ଷୀ ଅଧିକ୍ଷକ ପ୍ରମୁଖ ବୃକ୍ଷରୋପଣ କରିଥିଲେ । ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ,ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ,ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି,ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉମେଶ କୁମାର ପଣ୍ଡା,ବି.ଡି.ଓ,ତହସିଲଦାର,ଡି.ଏସ୍.ପି ରଜନୀକାନ୍ତ ସାମଲ,ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ । ପ୍ୟାରେଡ୍‌ରେ ପୋଲିସ୍ ବାହିନୀର ଦୁଇଟି ଦଳ ଭାଗ ନେଇଥିଲେ । ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ଦୁର୍ଯ୍ୟୋଧନ ବେହେରା ପ୍ୟାରେଡ୍ ପରିଚାଳନା କରିଥିଲେ । ସମସ୍ତ କାର୍ଯ୍ୟ ଜିଲ୍ଲା ସୂଚନା ଲୋକ ସଂପର୍କ ଅଧିକାରୀ କାମିନୀ ରଂଜନ ପଟ୍ଟନାୟକ ପରିଚାଳନା କରିଥିଲେ।



